## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

# 'ଗଞ୍ଜାମର ଲୋକସଂସ୍କୃତି ଓ ପରମ୍ପରା ମହାନ'










**ବ୍ରହ୍ମପୁର , ୨୮।୧(ସମିସ):** ଗତ ଚାରିଦିନ ଧରି ଜାରି ରହିଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ରବିବାର ଶେଷ ହୋଇଛି । ଶେଷ ଦିବସରେ ମିଥୁନ ଶର୍ମା ଆଣ୍ଡ ଟିମ୍ ଧୁମ୍ ମଚାଇଥିଲେ । ତାଙ୍କ କଣ୍ଠରେ ଯାଦୁରେ ସମସ୍ତଙ୍କୁ ମତୁଆଲା କରିଥିଲେ । ଗୀତର ତାଳେ ତାଳେ ଦର୍ଶକ ମଧ୍ୟ ନାଚି ଉଠିଥିଲେ । ଶେଷ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଯୋଗଦେଇ ଏହି ମହୋତ୍ସବ ନିଆରା । ରାଜ୍ୟରେ ସ୍ୱତନ୍ତ୍ର । ଗଞ୍ଜାମର ଲୋକକଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ନିଆରା । ଏଠାକାର ଇତିହାସ ମଧ୍ୟ ମହାନ । ଏହାର ପ୍ରଚାର ପ୍ରସାର ମଧ୍ୟ ବ୍ୟାପକ ହେଉଛି । ଏହା ଆମ ଜିଲ୍ଲାର ପରିଚୟକୁ ଉଜ୍ଜୀବିତ କରୁଛି ବୋଲି ସେ କହିଥିଲେ । ଗୋପାଳପୁର ବେଳାଭୂମି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ହୋଇଛି । ଏ କ୍ଷେତ୍ରରେ ପ୍ରଶାସନର ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଛନ୍ତି । ଅନ୍ୟତମ ପ୍ରମୁଖ ଅତିଥି ଭାବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ କଳା, ସଂସ୍କୃତି ଓ ପରମ୍ପରାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଗୋପାଳପୁର ବେଳାଭୂମି ରାଜ୍ୟରେ ସ୍ୱତନ୍ତ୍ର । ଉତ୍କର୍ଷ କଳାର ମାଟି ଉତ୍କଳ । ଏହାକୁ ପ୍ରଦର୍ଶୀତ କରିବାରେ ଏହା ଉପଯୁକ୍ତ ମଞ୍ଚ । ଏଥିଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ଶ୍ରୀ ଆରୁଖ କହିଛନ୍ତି । । ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ବିକ୍ରମ କୁମାର ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଦକ୍ଷିଣାଞ୍ଚଳ ପୋଲିସ ଆଇଜି ସତ୍ୟବ୍ରତ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ ସୋନାଲ, ଏସପି ବ୍ରହ୍ମପୁର ଡ. ସର୍ବଣା ବିବେକ ଏମ, ଉପ ଜିଲ୍ଲାପାଳ ଆଶୁତୋଷ କୂଳକର୍ଣ୍ଣୀ ସି ପ୍ରମୁଖ ମଞ୍ଚାସୀନ ଥିଲେ । ଦକ୍ଷିଣ ଓଡ଼ିଶାର ସବୁଠାରୁ ବଡ଼ ପର୍ବ ଗୋପାଳପୁର ବେଳାଭୂମି ମହୋତ୍ସବ । ଅତି କମ ସମୟ ମଧ୍ୟରେ ଏଭଳି ଆୟୋଜନ ନେଇ ଦକ୍ଷିଣାଞ୍ଚଳ ଆଇଜି ଶ୍ରୀ ଭୋଇ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଗଞ୍ଜାମର ଗର୍ବ ଏହି ମହୋତ୍ସବ । ଦୁଇ ଦଶନ୍ଧିରୁ ପୁରୁଣା । ଏହି ମଞ୍ଚ କଳାକାରଙ୍କୁ ଅନେକ ସୁଯୋଗ ଦେଇଛନ୍ତି । ଗଞ୍ଜାମର ୬୨ ଟି ଲୋକକଳା ମଧ୍ୟ ଅନନ୍ୟ ବୋଲି ବିଧାୟିକା ଲତିକା ପ୍ରଧାନ କହିଛନ୍ତି । ଶେଷରେ ବିଧାୟକ ବିକ୍ରମ ପଣ୍ଡା ଧନ୍ୟବାଦ ଅର୍ପଣ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଓ '୫-ଟି' ଅଧକ୍ଷଙ୍କ ସହଯୋଗ ଯୋଗୁଁ ଏଭଳି ଏକ ମହୋତ୍ସବ ଆୟୋଜିତ ହୋଇପାରିଛି ବୋଲି ସେ କହିଥିଲେ ।

ସେହିଭଳି ବେଷ୍ଟ ଷ୍ଟଲ୍ ଭାବେ ମା ପାଟେନେଶ୍ୱରୀ ଏସ୍ଏଚ୍ଜି ସମ୍ବଲପୁର, ବେଷ୍ଟ ପ୍ୟାକେଜି ଚନ୍ଦ୍ରଚୁଡେଶ୍ୱର୍ ଏସ ଏଚ ଜି ବ୍ରହ୍ମପୁର, ଦିପାମ ଏସ୍ଏଚ୍ଜି ତାମିଲନାଡୁ ବେଷ୍ଟ ସେଲ୍ସ, ସର୍ବାଧିକ ବିକ୍ରୟ କରିଥିବା ଷ୍ଟଲ୍ ମା ବୀଣାପାଣି ଏସ୍ଏଚ୍ଜି ଯିଏକି ୧ ଲକ୍ଷ ୧୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବିକ୍ରୟ କରିଛି । ଶ୍ରେଷ୍ଠ ବିଭାଗୀୟ ଷ୍ଟଲ୍ ଭାବେ ଉଦ୍ୟାନ କୃଷି ବିଭାଗ ଗଞ୍ଜାମ ସମ୍ମାନିତ ହେବ ସହ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ସମ୍ପାଦନାରେ ବିଶେଷାଙ୍କ ଶାମୁକା ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା ।

### ମନମୋହିଲା ଓଡ଼ିଶୀ ନୃତ୍ୟ

ଏ ଅବସରରେ ସନ୍ଧ୍ୟାରେ ପାଷାଣଖି ବ୍ରହ୍ମପୁର ପକ୍ଷରୁ ଓଡିଶୀ ନୃତ୍ୟ ଓ ହିଞ୍ଜିଳି ନୃତ୍ୟମ କଳା ଗବେଷଣା କେନ୍ଦ୍ର ପକ୍ଷରୁ ସେମି କ୍ଲାସକାଲ ନାଚ ପରିବେଷଣ କରାଯାଇଥିଲା । ସେହିଭଳି ବ୍ରହ୍ମପୁର କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ କେତେ ଦୁଃଖ ଦେବୁରେ କାଳିଆ ପରିବେଷିତ ହୋଇଥିଲା । ଅନୁରୂପ ଭାବେ ଗୋପାଳପୁର କାଲଚୁରାଲ ଆସୋସିଏସନ ପକ୍ଷରୁ ଗର୍ବା, ଅନ୍‌ବଷୋ କଳାକେନ୍ଦ୍ର, ସାତ୍ୱିକ ସୋଲ ଫାଉଣ୍ଡେସନ, ରିଏଲ ଷ୍ଟାର ଡ୍ୟାନ୍ସ ଗ୍ରୁପ, ସ୍ୱଗି ସ୍କ୍ୱାର୍ଡ ଡ୍ୟାନ୍ସ ଏକାଡେମୀ, ଫୁଜ୍ୟୋନ ଡ୍ୟାନ୍ସ ଏକାଡେମୀ, ମୟୁରଭଞ୍ଜର ଛଉ ନୃତ୍ୟ, ବଲାଙ୍ଗୀରର କୋଶଳ ଦୁଲୁଦୁଲି ନୃତ୍ୟ ପରିବେଷଣ କରାଯାଇଥିଲା । ସେହିଭଳି ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟଙ୍କ ଟିମ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଓଡିଶୀ ନୃତ୍ୟ ପାରିବେଷିତ ହୋଇଥିଲା । ତାଙ୍କୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଯାହା ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା ।

### ଶେଷ ଦିନରେ ଖଚାଖଚ ଭିଡ଼

ଏକ କୋଟିରୁ ଉର୍ଦ୍ଧ୍ୱ ବେପାର ଗୋପାଳପୁର ବେଳାଭୂମି ମହୋତ୍ସବର ଶେଷ ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ବିଭିନ୍ନ କୋଣ ଅନୁକୋଣରୁ ଦର୍ଶକ ଆସି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ମଜା ନେଇଛନ୍ତି । ମାଆଙ୍କ ହାତ ତିଆର ବିଭିନ୍ନ ସାମଗ୍ରୀ କିଣିବା ସହ ଖୁସି ହୋଇଛନ୍ତି । ସମଗ୍ର ମହୋତ୍ସବରେ ପଲ୍ଲିଶ୍ରୀ ମେଳାରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା କୁହାଯାଇଛି ।

### ପୁଲିସ ପ୍ରଶାସନର ସଫଳ ପରିଚାଳନା

ପୁଲିସ ଓ ପ୍ରଶାସନର ସଫଳ ପରିଚାଳନା ଯୋଗୁଁ ଗୋପାଳପୁର ବେଳାଭୂମି ମହୋତ୍ସବରେ ଟ୍ରାଫିକ ସମସ୍ୟା ଦେଖା ଦେଇନି । ଏନେଇ ଦର୍ଶକ ମହାଲରେ ପୁଲିସ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଖଲ୍ଲିକୋଟ,୨୮ ।୧(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଡିମିରିଆ ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଶିବିରରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ ନିଜ ବକ୍ତବ୍ୟରେ ସାଧାରଣ ଲୋକଙ୍କ ପାଇଁ ରାଜ୍ୟ ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରିଥିବା ବିଭିନ୍ନ ଯୋଜନାର କିପରି ସଠିକ ଭାବେ ଲୋକମାନେ ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ବୁଝାଇଥିଲେ । ଶିବିରରେ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି, ଏମପି ପ୍ରତିନିଧି ରତ୍ନାକର ସାହୁ, ଡିମିରିଆ ସରପଞ୍ଚ ସବିତା ଗୌଡ଼, ସମିତିସଭ୍ୟା ଏମ ବାସନ୍ତୀ ପାତ୍ର, ଖଲ୍ଲିକୋଟ ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ମିତାଞ୍ଜଳି ମିଶ୍ର, ଜିଲ୍ଲା ଯୁବ ବିଜେଡି ଉପ ସଭାପତି ବିକାଶ ଚନ୍ଦ୍ର ପ୍ରଧାନ, ପଥରା ପୂର୍ବତନ ସରପଞ୍ଚ ବନମାଳି ବାଲା, ଯୁବନେତା ମନୋଜ କୁମାର ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ଦୁର୍ଗା ଚରଣ ଗୌଡ଼, ଏମବିକେ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀଙ୍କ ସହ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଘୁମୁସର ଗବେଷଣା ପ୍ରତିଷ୍ଠାନର ବାର୍ଷିକ ସମ୍ମିଳନୀ




**ଭଞ୍ଜନଗର,୨୮ ।୧(ସମିସ):** ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ ଠାରେ ଘୁମୁସର ଗବେଷଣା ପ୍ରତିଷ୍ଠାନର ଚତୁର୍ଥ ବାର୍ଷିକ ସମ୍ମିଳନୀ ଡ଼. ଶ୍ୟାମା ପ୍ରସାଦ ମିଶ୍ରଙ୍କ ଆବାହକ ଓ ସଭାପତି ଡ. ସନ୍ତୋଷ କୁମାର ଆପଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼. ହରିହର ପଣ୍ଡା ସମ୍ମାନିତ ଅତିଥିଭାବେ ଜୟରାମ ପାତ୍ର ଯୋଗଦେଇ ଘୁମୁସରର ସାହିତ୍ୟ, ସଂସ୍କୃତି ଓ ଇତିହାସକୁ ନେଇ ବିଭିନ୍ନ ବିଷୟ ଉପରେ ଗବେଷଣାର ଆବଶ୍ୟକତା ରହିଥିବା କହିଥିଲେ । ଅଶୋକ କୁମାର ସ୍ୱାଇଁଙ୍କ ସହଯୋଗରେ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିବାବେଳେ ଉପସଭାପତି ଡ. ଶିରୀଶ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହସଂପାଦକ ସନ୍ତୋଷ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ତପନ କୁମାର ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ କ୍ଷ ଏହି ଅବସରରେ ଅନ୍ତର୍ଜାତୀୟ କଳାକାର ସ୍ଥିତଧି ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକ ସୋମନାଥ ନାୟକ, ଡ଼.କମ୍ବୁପାଣି ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆବାହକ ଡ.ଶ୍ୟାମା ପ୍ରସାଦ ମିଶ୍ର ସଂଯୋଜନା କରିଥିଲେ । ସନ୍ତୋଷ ଜେନାଙ୍କ ଦ୍ୱାରା ଭାଗ୍ୟଶାଳୀ ବିଜେତା କରାଯିବା ପରେ ଡ. ଗୁରୁମୂର୍ତ୍ତି ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଡ଼. ଶିରୀଶ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଡ. ଚିତ୍ତରଞ୍ଜନ ମିଶ୍ର, ଡ. ପରେଶ୍ୱର ସାହୁ ଓ ଡ. ପ୍ରଦୀପ କୁମାର ଦାସ ମଞ୍ଚାସୀନ ହୋଇ ଘୁମୁସରର ଐତିହାସିକ ଘଟଣାବଳୀ ଉପରେ ଗବେଷଣା କାର୍ଯ୍ୟର ଆବଶ୍ୟକତା ଉପରେ ମତ ରଖିଥିଲେ । ପ୍ରାଧ୍ୟାପକ ଲୋକନାଥ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଅବସରପ୍ରାପ୍ତ କର୍ମଚାରୀ, କବି, ସାହିତ୍ୟିକ, ସମାଜସେବୀ ଯୋଗ ଦେଇଥିଲେ ।

## ଉନ୍ନୟନ କାର୍ଯ୍ୟର ଉଦଘାଟନ କଲେ ବିଧାୟକ ଓ ଜିଲ୍ଲା ପରିଷଦ ଅଧକ୍ଷା



**ବାଲିଗୁଡ଼ା,୨୮ ।୧(ସମିସ):** କନ୍ଧମାଳ ଜିଲ୍ଲରେ ପ୍ରଥମ ଥର ପାଇଁ ବାଲିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟସ୍ଥ ପୋଖରୀରେ ଆରମ୍ଭ ହୋଇଛି ବୋଟିଂ ବ୍ୟବସ୍ଥା । ଏଥିସହିତ ଅଞ୍ଚଳବାସୀଙ୍କ ପାଇଁ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ନିକଟରେ ନିର୍ମାଣ ହୋଇଛି ମନଲୋଭା ସେଲ୍ଫି ପଏଣ୍ଟ । ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ଓ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ରବିବାର ଏହାର ଶୁଭ ଉଦଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ବାଲିଗୁଡ଼ାର ଉନ୍ନତି ପାଇଁ ଅନେକ ଅର୍ଥ ମଞ୍ଜୁରୀ କରିଛନ୍ତି । ଯାହା ଫଳରେ ଆଜି ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ଏଥିସହିତ ସହରର ସୌନ୍ଦର୍ଯ୍ୟକରଣ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦୁରଦୃଷ୍ଟି ଯୋଗୁଁ ଏନ୍ଏସି ଗଠନ ହେବା ପରେ ଗତ ଆଠ ବର୍ଷ ମଧ୍ୟରେ ବାଲିଗୁଡ଼ାର ଅନେକ ବିକାଶ ହୋଇପାରିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ୍ ଜଣାଉଛୁ ବୋଲି ବିଧାୟକ ଚକ୍ରମଣୀ କହଁର, ସାଂସଦ ପ୍ରତିନିଧି ଟୁନା ଦାସ ଓ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ କହିଛନ୍ତି । ସମସ୍ତ ଜନ ପ୍ରତିନିଧିଙ୍କ ପୂର୍ଣ୍ଣ ସହଯୋଗ ମିଳିବାରୁ ବାଲିଗୁଡ଼ା ସହରର ସୌନ୍ଦର୍ଯ୍ୟ କରଣ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିପାରିଛୁ ବୋଲି ଉପଜିଲ୍ଲାପାଳ ମଧୁମିତା କହିଛନ୍ତି ।

## ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରି ମୃତ

**ଜଗନ୍ନାଥପ୍ରସାଦ,୨୮ ।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବାଲିସାହି ଗ୍ରାମରେ ବିଦ୍ୟୁତ ଆଘାତରେ କମସରଗଡ଼ ଗ୍ରାମର କୈଳାସ ନାୟକ ନାମକ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି । କୈଳାଶ ବାଲିସାହି ଗ୍ରାମର ସ୍ୱପ୍ନା ନାଇକଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରର ଛାତ ପକାଇବା କାର୍ଯ୍ୟରେ କାମ କରୁଥିବା ବେଳେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଅବସ୍ଥା ହେବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଆସିକା, ୨୮ ।୧(ସମିସ):** ଆସିକା ବ୍ଲକର ମୁନିଗାଡି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହାକୁ ଉଦଘାଟନ କରିଥିଲେ । ବ୍ଲକ ଅଧକ୍ଷ ତ୍ରିବେଣୀ ନାହାକ, ବିଡ଼ିଓ ଫକୀର ଚରଣ ପରିଡ଼ା, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଉପାଧକ୍ଷ ରେଶମା ଦୋରା, ଜିଲ୍ଲା ପରିଷଦ ସଭ୍ୟ ତନ୍ମୟୀ ନାହାକ, ସମିତି ସଭ୍ୟ ନମିତା ବିଷୋୟୀ, ପଞ୍ଚାୟତ ଅଧିକାରୀ ସୁକାନ୍ତ ନାୟକ ମଞ୍ଚାସିନ ଥିବା ବେଳେ ସରପଞ୍ଚ ସବିତା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗ ଅଧିକାରୀ, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।

# ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ମିନି ମାରାଥନ୍





**ଫୁଲବାଣୀ,୨୮ ।୧(ସମିସ):** ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ମିନି ମାରାଥନର ଆୟୋଜନ ହୋଇଛି । କିଟ ଓ କିସ ଆନୁକୂଲ୍ୟରେ ଜିଲ୍ଲା ସଦର ମହକୁମା ଫୁଲବାଣୀର କରୋନେସନ ପଡିଆ ଠାରୁ ମାରାଥନ ଦୌଡ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ ଦେଇ ମାଦିକୁନ୍ଦା ଛକ ଏବଂ ସେଠାରୁ ପୁଣି କରୋନେସନ ପଡିଆକୁ ଫେରିଥିଲା । ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନର ୫ଶହରୁ ଅଧିକ ଛାତ୍ରଛାତ୍ରୀ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ । ପରେ କରୋନେସନ ପଡିଆରେ ଏକ ବୈଠକର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଓ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲଳିତ କୁମାର ପଟ୍ଟନାୟକ, କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ, ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଓ ସଞ୍ଜୟ ପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କିସର କନ୍ଧମାଳ ଜିଲ୍ଲା ଅତିରିକ୍ତ ସିଇଓ ଭାଗିରଥି ସେଠୀ ପରିଚାଳନା କରିଥିଲେ ।

**ବାଲିଗୁଡା(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡାରେ କୀଟ ଓ କିସ ପକ୍ଷରୁ ଷଷ୍ଠ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲିଗୁଡା ସହରର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଯୁବ ବର୍ଗ ସାମିଲ ହୋଇଥିଲେ । କନ୍ଧମାଳ ସାଂସଦଙ୍କ ବାଲିଗୁଡା ପ୍ରତିନିଧି ଟୁନା ଦାସ, ବାଲିଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ବାଲିଗୁଡା ଏନଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ ଓ ବାଲିଗୁଡା ବିଜେଡି ନଗର ସଭାପତି ଅବନୀକାନ୍ତ ନାୟକ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ । ବାଲିଗୁଡା ଗାନ୍ଧୀ ଛକରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଯୁବ ବର୍ଗ ସାମିଲ ହୋଇ ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ଦେଇ ସ୍ଥାନୀୟ ଦଣ୍ଡ ପଦର ପର୍ଯ୍ୟନ୍ତ ଦୌଡ଼ିଥିଲେ । ପରେ ବାଲିଗୁଡା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପହଞ୍ଚି କୀଟ ଓ କିସ ପକ୍ଷରୁ ଆୟୋଜିତ ସଭାରେ ସାମିଲ ହୋଇଥିଲେ । ଏଥିରେ ଅତିଥଙ୍କୁ ଡ଼. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରେରିତ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।



## ଭାଇବୋହୂକୁ ଅସଦାଚରଣ ଅଭିଯୋଗ, ଦେଢ଼ଶୂର ଗିରଫ

**ବ୍ରହ୍ମପୁର, ୨୮ ।୧(ସମିସ):** ଜନୈକା ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ପୁରୁଣା ଖ୍ରୀଷ୍ଟିଆନ ସାହିର କରମ କୁମାର ସିଂ। ସୂଚନାଯୋଗ୍ୟ ଯେ, ଗୋଷାଣିନୂଆଗାଁ ଥାନା ଅଞ୍ଚଳର ଜନୈକା ମହିଳା ତଥା ଅଭିଯୁକ୍ତର ଭାଇବୋହୁଙ୍କୁ କରନ ବିଭିନ୍ନ ସମୟରେ ମଦ୍ୟପାନ କରି ଗାଳିଗୁଲଜ କରିଥାନ୍ତି। ଗତ ୨୭ତାରିଖ ସକାଳ ସମୟରେ ଭାଇବୋହୁଙ୍କୁ କରମ ଟଣାଓଟରା କରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କରମ୍ କୁମାର ସିଂକୁ ଗିରଫ କରିଛି।

## ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ମହାସଂଘର ବୈଠକ

**ବ୍ରହ୍ମପୁର, ୨୮।୧(ସମିସ):** ବ୍ରହ୍ମପୁର ଉପକଣ୍ଠ ଗୁରୁଣ୍ଡି ସ୍ଥିତ ଟେକ୍ନୋସିଟି ପରିସରରେ ରବିବାର ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ମହାସଂଘର ୧୫ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥଭାବେ ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ମହନ୍ତ ହରିହର ଦାସ ମହାରାଜ, ଆଇନଜୀବୀ ପିତବାସ ପଣ୍ଡା, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଆଇନଜୀବୀ ଗଜାନନ ତ୍ରିପାଠୀ, ଜଗନ୍ନାଥ ପାଢ଼ୀ, ଭାଗବତ ଭାସ୍କର ବିଜୟ ପାଢ଼ୀ, ବନମାଳୀ ସାମନ୍ତରା, ସୁଶାନ୍ତ ଶେଖର କର, ମନୋଜ ପାଣିଗ୍ରାହୀ, ବ୍ୟମୋକେଶ ଉପାଧ୍ୟାୟ, ସାଧାରଣ ସମ୍ପାଦକ ଲକ୍ଷ୍ମଣ ଚୌଧୁରୀ, ବରିଷ୍ଠ ଆଇନଜୀବୀ ସଞ୍ଜିତ ପାଣିଗ୍ରାହୀ, ପ୍ରତାପ ମିଶ୍ର, ଗଙ୍ଗାଧର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବ୍ରାହ୍ମଣମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହ ବ୍ରାହ୍ମଣମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ନିମନ୍ତେ ଏକ ଆଇନସେଲ ଗଠନ ନିମନ୍ତେ ଏଠାରେ ସ୍ଥିର କରାଯାଇଥିଲା। ଆଗାମୀ ଦିନରେ ପୁଣି ସମସ୍ତ ବ୍ରାହ୍ମଣ ସଂଗଠନକୁ ନେଇ ମହାସଭାର କାର୍ଯ୍ୟପନ୍ଥା ପାଇଁ ସ୍ଥିର କରାଯାଇଛି। ପ୍ରାରମ୍ଭରେ ବ୍ରହ୍ମପୁର ବେଦ ପାଠଶାଳାର ଛାତ୍ରଛାତ୍ରୀଙ୍କ ଦ୍ୱାରା ବେଦପାଠ କରାଯାଇଥିବା ବେଳେ ମହାସଂଘ ପକ୍ଷରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସମ୍ପାଦକ ସତ୍ୟକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ପଣ୍ଡା, ମହାନଗର ବିଜେଡି ଯୁବ ସଭାପତି ଋଜିତ କୁମାର ପଣ୍ଡା, ବିଜେଡି ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଶଙ୍କର୍ଷଣ ପାତ୍ର, ବୃନ୍ଦ ପାଢ଼ୀ, ଅଜୟ କୁମାର ସାହୁ, ନୃସିଂହାନନ୍ଦ ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଗଞ୍ଜାମ ଜିଲ୍ଲାର ବହୁ ବରିଷ୍ଠ ବ୍ରାହ୍ମଣ ଓ ଶକ୍ତିବାହିନୀର ବହୁ ମହିଳା ଉପସ୍ଥିତ ଥିଲେ।

## ମନ୍ଦିର ପରିସରରୁ ଅଜଗର ଉଦ୍ଧାର

**ବ୍ରହ୍ମପୁର, ୨୮ ।୧(ସମିସ):** ସହର ଉପକଣ୍ଠ ସୁକୁଣ୍ଡା ନୃସିଂହ ମନ୍ଦିର ପରିସରରୁ ୩ଫୁଟ ବିଶିଷ୍ଟ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ମନ୍ଦିର ପଛ ପାର୍ଶ୍ୱରେ ଗୃହନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ସାପଟିକୁ ଦେଖିଥିଲେ। ପରେ ସେମାନେ ସ୍ନେକ ହେଲ୍ପ ଲାଇନ ସଦସ୍ୟ କାଳିଆ ସାହୁଙ୍କ ସହ ଯୋଗାଯୋଗ କରିଥିଲେ। କାଳିଆ ସେଠାରେ ପହଞ୍ଚି କୌଶଳକ୍ରମେ ସାପଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ସାପଟି ଭାରତୀୟ ଅଜଗର ପ୍ରଜାତିର ହୋଇଥିବା ବେଳେ ତାହାର ଲମ୍ବ ପ୍ରାୟ ୩ଫୁଟ ରହିଛି। ଉଦ୍ଧାର ପରେ ସାପଟିକୁ ବ୍ରହ୍ମପୁର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ସାପଟିର ସ୍ୱାସ୍ଥ୍ୟପରୀକ୍ଷା ପରେ ସାପଟିକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବ ବୋଲି ବନାଞ୍ଚଳ ଅଧିକାରିଣୀ ମାଣିକେଶ୍ୱରୀ ହାଁସଦା ସୂଚନା ଦେଇଛନ୍ତି।

## 'କିସ୍' ଓ 'କିଟ୍'ର ଶିକ୍ଷା ସଚେତନତା ଗଣଦୌଡ଼

**ବ୍ରହ୍ମପୁର, ୨୮ ।୧(ସମିସ):** ବ୍ରହ୍ମପୁର ଠାରେ କିସ ଓ କିଟ ପକ୍ଷରୁ "ଏଜୁକେସନ ଫର ଅଲ' ବା "ସମସ୍ତଙ୍କ ପାଇଁ ଶିକ୍ଷା' ଶିର୍ଷକକୁ ନେଇ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାରାଥନକୁ ଶୁଭାରମ୍ଭ କରିଥିଲେ। ଏହି ମାରାଥନ ମେଡିକାଲ ପଡ଼ିଆ ଠାରୁ ବାହାରି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁସଂଖ୍ୟା ରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପରେ ଆଇ ଟି ଆଇ ଅଡିଟରିମ ଠାରେ ଆୟୋଜିତ ଏକସଭାରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମିନି ମାରାଥନରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କଳିଙ୍ଗ ଟିଭିର ଦକ୍ଷିଣଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକ ଓ ବ୍ରହ୍ମପୁର ପ୍ରତିନିଧି ମାନସ ବିଶୋୟୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ବିଦ୍ୟୁତ୍ ସଂରକ୍ଷଣକୁ ଆଇଟିଆଇର ଗୁରୁତ୍ୱ

# ଆଇରନ୍‌ବିହୀନ ଡ୍ରେସ୍ ପିନ୍ଧିବେ ବିଦ୍ୟାର୍ଥୀ

**ବ୍ରହ୍ମପୁର, ୨୮।୧(ସମିସ)**

ଅଭିନବ ଉପାୟ ଆପଣାଇବାରେ ବ୍ରହ୍ମପୁର ସରକାରୀ ଆଇଆଟିଆଇ ସାର୍ବଜନବିଦିତ। ଏବେ ପୁଣି ଏକ ନୂତନ ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଛି ଏହି ଅନୁଷ୍ଠାନ। ବିଦ୍ୟୁତ ଶକ୍ତି ସଂରକ୍ଷଣ ନେଇ ଆଗେଇ ଆସିଛି ବ୍ରହ୍ମପୁର ଆଇଟିଆଇ। ଏବେ ପ୍ରତ୍ୟକ ସପ୍ତାହର ସୋମବାର ଦିନ ଆଇଟିଆଇ ଛାତ୍ରଛାତ୍ରୀମାନେ ବିନା ଆଇରନ ଡ୍ରେସ ପିନ୍ଧି କ୍ଲାସକୁ ଆସିବେ। ଏହା ଆସନ୍ତା ୫ତାରିଖଠାରୁ ବ୍ରହ୍ମପୁର ଆଇଟିଆରେ ଲାଗୁ ହେବ ବୋଲି ଅଧକ୍ଷ ଡକ୍ଟର ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସମ୍ପ୍ରତି ବାୟୁମଣ୍ଡଳ ଉପରେ ବିଭିନ୍ନ କ୍ଷେତ୍ରରୁ ପ୍ରଭାବ ପଡୁଛି। ପ୍ରଦୂଷିତ ବାୟୁମଣ୍ଡଳର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାକୁ ଲକ୍ଷରେ ରଖି ବ୍ରହ୍ମପୁର ଆଇଟିଆଇ ବିଦ୍ୟୁତ ଅପଚୟ ଓ ସଂରକ୍ଷଣ ରୋକିବାକୁ ଉଦ୍ୟମ ଆରମ୍ଭ କରିଛି। ଏହି କିଞ୍ଚିତ ପଦକ୍ଷେପ ଆଗାମୀ ଦିନରେ ବିରାଟ ସଚେତନ ବାର୍ତ୍ତା ହେବ ବୋଲି ଆଇଟିଆଇ ପକ୍ଷରୁ କୁହାଯାଇଛି। ବିଦ୍ୟୁତ ବ୍ୟାପକ ବ୍ୟବହାର ଫଳରେ ଏହାର ସିଧା ପ୍ରଭାବ ପୃଥିବୀ ଉପରେ ପଡୁଛି। ଏହା କମାଇବା ଲାଗି ପ୍ରଚେଷ୍ଟା କରାଯାଇଛି। 'ରିଙ୍କେଲ ବି ଆଛା ହେ' କ୍ରମରେ ଏହି ପଦକ୍ଷେପ ନିଆଯାଇଛି। ୬ଟି ଡ୍ରେସ ଆଇରନ କରିବା ଲାଗି ୧ ୟୁନିଟ ବିଦ୍ୟୁତ ଖର୍ଚ୍ଚ ହେଉଛି। ବ୍ରହ୍ମପୁର ଆଇଟିଆଇରେ ୩୬୦୦ବିଦ୍ୟାର୍ଥୀ ଅଛନ୍ତି। ଏହି ଆଧାରରେ ସପ୍ତାହରେ ୫୦୦ ୟୁନିଟ ବିଦ୍ୟୁତ ସଂରକ୍ଷିତ ରଖାଯାଇପାରିବ ବୋଲି ଡକ୍ଟର ପାଣିଗ୍ରାହୀ କହିଛନ୍ତି। ଏଥିଦ୍ୱାରା ପିଲାମାନଙ୍କ ମଧ୍ୟରେ ସଚେତନ ବୃଦ୍ଧି ହେବ। ଆଗାମୀ ଦିନରେ ଏହାର ପ୍ରତିଫଳନ ହେବ। ଆଗାମୀ ଦିନରେ ଏହି ବାର୍ତ୍ତା ଗାଁଠୁ ସହର ସବୁଠାରେ ପ୍ରଚଳିତ ହେବ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ସ୍କିଲ ଡେଭଲପ ମେଣ୍ଟ ଅଧିନରେ ବିବିଧ କାର୍ଯ୍ୟକ୍ରମ ଆପଣା ଯାଉଥିବା ବେଳେ ଏବେ ଏହି ପଦକ୍ଷେପ ଜଳବାୟୁ ପରିବର୍ତ୍ତନ ଦିଗରେ କାର୍ଯ୍ୟକରିବ। ଏନେଇ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।

ପ୍ରଥମେ ଏ ବାବଦରେ ଶିକ୍ଷାର୍ଥୀଙ୍କୁ ସଚେତନ କରାଯାଉଛି। ତତ ପରେ ବିଦ୍ୟାର୍ଥୀ ଓ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏହାକୁ ଆପଣାଇବେ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ନେଇ ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରହ୍ମପୁର ଆଇଟିଆଇର ପରିସରକୁ ସପ୍ତାହରେ ଦିନଟିଏ ବିଭିନ୍ନ ଯାନବାହନ ବଦଳେ ସାଇକଲ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ଏହି ଧାରା ବଜାୟ ରହିଥିବା ବେଳେ ସମ୍ପ୍ରତି ବ୍ରହ୍ମପୁର ଆଇଟିଆଇର ଏହି ପଦକ୍ଷେପ ରାଜ୍ୟକୁ ନୂତନ ଦିଶା ଦେବ ବୋଲି ଆଶା କରାଯାଇଛି। ଅନ୍ୟପକ୍ଷରେ ନଷ୍ଟ ଦ୍ରବ୍ୟରୁ ଶ୍ରେଷ୍ଠ କଳାକୃତି ନିର୍ମାଣ କରିବାରେ ବ୍ରହ୍ମପୁର ଆଇଟିଆଇ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛି। ସ୍କିଲ ଇନ ଓଡ଼ିଶାର ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି। ବିଦ୍ୟାର୍ଥୀମାନେ ଏଠାରେ କୁଶିଳୀ ହେବାର ସମସ୍ତ କଳାକୌଶଳ ଜାରି ପାରୁଛନ୍ତି। ସେହିଭଳି ନଷ୍ଟରୁ ଶ୍ରେଷ୍ଠ କଳାକୃତି, ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଭଳି ଏବେ ଆଉ ଏକ ପଦକ୍ଷେପକୁ ବିଭିନ୍ନ ମହଲରେ ସମୟପଯୋଗୀ ପଦକ୍ଷେପ ବୋଲି କୁହାଯାଇଛି।



## ମେଡିକାଲ୍ ଓ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନର ଜିଲ୍ଲା ସମ୍ମିଳନୀ




**ବ୍ରହ୍ମପୁର, ୨୮।୧(ସମିସ)**

ସ୍ଥାନୀୟ ହିଲପାଟଣା ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ଠାରେ ରବିବାର ମେଡିକାଲ ଓ ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନର ୧୧ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଲକ୍ଷ୍ମଣ ନାୟକଙ୍କ ସଭାପତିତ୍ୱ ଆୟୋଜିତ ସମ୍ମିଳନୀରେ ଅତିଥି ଭାବେ ସିଟୁର ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ତଥା ଶ୍ରମିକ ଆଇନ ସଂଶୋଧନ କରି ଉଦ୍ୟୋଗପତିଙ୍କ ସପକ୍ଷରେ ଲାଗୁ କରାଯିବାକୁ ଶ୍ରୀଚୌଧୁରୀ ବିରୋଧ କରିଥିଲେ। ସେହିପରି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡ଼ା. ପ୍ରସନ୍ନ ପାଢ଼ୀ, ମୁଖ୍ୟବକ୍ତା ରୂପେ ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ଔଷଧ ନୀତି ବିଷୟରେ ଆଲୋଚନା କରିବା ସହ ଔଷଧ ଉପରୁ ଜିଏସଟି ଛାଡ କରିବାକୁ ଦାବି କରିଥିଲେ। ସଂଘର ରାଜ୍ୟ ସମ୍ପାଦକ ଏନ. ଆନନ୍ଦ ରାଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ବି. ଅଜିତ ପାତ୍ର ବାର୍ଷିକ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ପରେ ବୈଠକରେ ସଂଘର ସଦସ୍ୟଙ୍କ ସହମତିରେ ୧୧ଜଣ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ଏଥିରେ ଏ. ଭବାନୀ ଶଙ୍କର ପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ଏ. ଆନନ୍ଦ ରାଓ, ସମ୍ପାଦକ ସୁବୋଧ ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା, କୋଷାଧକ୍ଷ ବି. ଅଜିତ ପାତ୍ରଙ୍କ ସମେତ କମିଟି ସଭ୍ୟ ଭାବେ ମଧୁସୂଦନ ବେହେରା, ବସନ୍ତ ପାଳ, ନୀଳଲୋହିତ ସାହୁ, ପି. କୁନା ଦୋରା, ରାଜ୍ୟ କମିଟି ସଭ୍ୟ ବି. ଈଶ୍ୱର ରାଓ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ମାତୃଶ୍ରୀ ଆଙ୍ଗ୍ଲୋବେଦିକ୍ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



**ବ୍ରହ୍ମପୁର, ୨୮ ।୧(ସମିସ):** ସ୍ଥାନୀୟ ହିଲପାଟଣା ସ୍ଥିତ ମାତୃଶ୍ରୀ ଆଙ୍ଗେ୍ଲାବେଦିକ ସ୍କୁଲର ୫୦ତମ ବାର୍ଷିକ ଉତ୍ସବ ବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଦ୍ୱାରିକାନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ଅଧକ୍ଷା ଡ଼. ପ୍ରମିଳା ଖାଡ଼ଙ୍ଗା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ମାର୍ଗରେ ଯିବା ସହ ଉତ୍ତମ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ନେଇ ଇଂରାଜୀ ନାଟକ ଓ ବିଭିନ୍ନ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ କୁମୁଦରଞ୍ଜନ ପାଢ଼ୀ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ବିଦ୍ୟାସିଂହ ପଟ୍ଟନାୟକ, ପ୍ରଗତି ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଫଲ୍‌ଗୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ



**ବ୍ରହ୍ମପୁର, ୨୮ ।୧(ସମିସ):** ସ୍ଥାନୀୟ ଗୋଷାଣିନୂଆଗାଁ ସ୍ଥିତ କେସି ହାଇସ୍କୁଲର ହରିହର ମର୍ଦ୍ଦରାଜ ସମ୍ମିଳନୀ କକ୍ଷରେ ଫଲଗୁ ସାହିତ୍ୟ ସଂସଦ ପକ୍ଷରୁ ୪୧ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡଃ ବିଷ୍ଣୁଚରଣ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡଃ ବାଉରୀବନ୍ଧୁ ସାହୁ, ମୁଖ୍ୟବକ୍ତା ନାଗାଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ରାଜନିତୀ ବିଜ୍ଞାନ ବିଭାଗର ପ୍ରଫେସର ଡଃ ଦାଶରଥୀ ଭୂୟାଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଡା ସାଗର ତ୍ରିପାଠୀ ଅତିଥି ପରିଚୟ କରିଥିବା ବେଳେ ପ୍ରଫେସର ମେଜର ରମାରମଣ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ଓଡିଆ ଭାଷା ବିଶ୍ୱୟନ ବିଷୟରେ ଆଲୋଚନା ସହ ଫଲଗୁ ପତ୍ରିକା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଭିକାରୀ ଚରାଣ ମହାପାତ୍ରଙ୍କୁ ପ୍ରଫେସର ଡଃ ପ୍ରହଲ୍ଲାଦ ପଣ୍ଡା ସ୍ମୃତି ଫଲଗୁ ସାହିତ୍ୟ କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଫେସର ଡଃ ବ୍ରଜମୋହନ ସାସମଲ ଫଲଗୁ ସାହିତ୍ୟ ସମ୍ମାନ, ପ୍ରଫେସର ଡଃ ଦାଶରଥି ଭୂୟାଁଙ୍କୁ ପ୍ରଫେସର ହରିହର ଦାସ ସ୍ମୃତି ଫଲଗୁ ସାହିତ୍ୟ ଗଳ୍ପ ସମ୍ମାନ, ପ୍ରଫେସର ଡଃ ବାଉରିବନ୍ଧୁ ସାହୁଙ୍କୁ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମୃତି ଫଲଗୁ ସାହିତ୍ୟ ପ୍ରବନ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡଃ ବିଦ୍ୟୁତପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ। ସଂସଦର ସହ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ଅମିତା ମିଶ୍ର ଓ ସ୍ୱର୍ଣ୍ଣମୟୀ ପାଢ଼ୀଙ୍କ ସମେତ ଅନ୍ୟମାନେ ମିଶି ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ




**ବ୍ରହ୍ମପୁର, ୨୮ ।୧(ସମିସ):** ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି କମାଣ୍ଡିଂ ଲେଫ୍ଟନାଣ୍ଟ କର୍ଣ୍ଣଲ ତାପସ ବିଷୋୟୀ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ଶିଶୁମନ୍ଦିର ବିଭାଗର ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଡ଼ିଗ୍ରୀ ବିଭାଗର ଡିନ୍ ବିବେକାନନ୍ଦ ପଣ୍ଡା, ଉମେଶ ସାହୁ, ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ଡିଗ୍ରୀ ବିଦ୍ୟାମନ୍ଦିରର ଅଧକ୍ଷ ସୁବ୍ରତ ପାଣିଗ୍ରାହୀ, ଉପଦେଷ୍ଟା ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, କେ. ଭେଙ୍କେଟ ରାଓ, ଧର୍ମରାଜ ସାହୁ, ଉପଦେଷ୍ଟା ଡ଼. ହରିକୃଷ୍ଣ ନାୟକ, ଡ଼. ରାଜେନ୍ଦ୍ର ପ୍ରସାଦ ଡାକୁଆ ଓ ପ୍ରତାପ ଚନ୍ଦ୍ର ବିଶୋୟୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ।

## ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ହୋମ୍ ଭୋଟିଂ ବ୍ୟବସ୍ଥାକୁ ସ୍ୱାଗତ

**ବ୍ରହ୍ମପୁର, ୨୮ ।୧(ସମିସ):** ଚଳିତ ବର୍ଷ ସାଧାରଣ ନିର୍ବାଚନରେ ୮୦ବର୍ଷରୁ ଅଧିକ ବୟସ୍କ ଓ ୪୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ପାଇଁ ହୋମ ଭୋଟିଂ ବ୍ୟବସ୍ଥା କରାଯିବା ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୪ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଧାର୍ଯ୍ୟ ସମୟ ଅନୁସାରେ ଚାଲିଛି। ସମସ୍ତ ଜିଲ୍ଲାରେ ଇଭିଏମ୍ ଓ ଭିଭିପାଟ ପହଞ୍ଚିବା ସହ ଟେଷ୍ଟିଂ ସରିଛି। ନିର୍ବାଚନ ପାଇଁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ସରିଥିବାବେଳେ ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ଜାରିରହିଛି। ଇଭିଏମ୍‌ରେ କିପରି ଭୋଟ୍ ଦିଆଯିବ, ବୁଥ୍ ସ୍ତରରେ ସମସ୍ତଙ୍କୁ ସଚେତନ କରାଯାଉଛି। ଏଥିନିମନ୍ତେ ବ୍ରହ୍ମପୁର ଉପଜିଲ୍ଲାପାଳ, ନିଗମ କମିଶନରଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରିରହିଛି। ବର୍ତ୍ତମାନ ଇଭିଏମ୍ ଚେକିଂ ଏବଂ ଭୋଟର୍ ତାଲିକା ପ୍ରସ୍ତୁତ କାର୍ଯ୍ୟ ସମାପ୍ତ ହୋଇସାରିଛି। କେବଳ ନିର୍ବାଚନ ତାରିଖ ଘୋଷଣା ହେବାକୁ ସମସ୍ତଙ୍କର ଅପେକ୍ଷା ରହିଛି। ଚଳିତବର୍ଷ ନିର୍ବାଚନ ଡ୍ୟୁଟିରେ କିମ୍ବା ପୋଲିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ମତଦାନ ସୁବିଧାକେନ୍ଦ୍ର କରାଯିବ। ପୂର୍ବରୁ ଏଧରଣର ବ୍ୟବସ୍ଥା ସେମାନଙ୍କ ପାଇଁ ନଥିଲା। ସେମାନେ ପୋଷ୍ଟାଲ ବାଲାଟ୍ ଦ୍ୱାରା ନିଜର ମତଦାନ କରୁଥିଲେ।

ଏପଟେ ୮୦ବର୍ଷରୁ ଅଧିକ ବୟସ୍କ ଓ ୪୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ପାଇଁ ହୋମ ଭୋଟିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଭଳି ବ୍ୟବସ୍ଥା ଯୋଗୁଁ ଜଣେ ନାଗରିକ ନିଜ ମତଦାନ ଅଧିକାରରୁ ବଞ୍ଚିତ ରହିବ ନାହିଁ ବୋଲି ଜଣାପଡ଼ିଛି। ପୂର୍ବରୁ ବିଭିନ୍ନ କାରଣ ଯୋଗୁଁ ଜଣେ ନାଗରିକ ଭୋଟ ଦେବାରୁ ବଞ୍ଚିତ ହେଉଥିଲା। ପୂର୍ବରୁ ଜଣେ ବରିଷ୍ଠ ନାଗରିକ ଓ ଦିବ୍ୟଙ୍ଗଙ୍କ ପାଇଁ ଭୋଟକେନ୍ଦ୍ରକୁ ଯିବା ପାଇଁ ସମସ୍ତ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଉଥିଲା। ତଥାପି କିଛି ଅସୁସ୍ଥ ବା ଶଯ୍ୟାଶାୟୀ ରୋଗୀ ଭୋଟକେନ୍ଦ୍ରକୁ ଯାଇ ଭୋଟ ଦେଇପାରୁନଥିଲେ। କିନ୍ତୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ସେମାନଙ୍କ ଘରକୁ ହୋମ ଭୋଟିଂ ବ୍ୟବସ୍ଥା କରାଯିବ। ଯାହାଫଳରେ ଏଭଳି ବ୍ୟକ୍ତି ନିଜ ଭୋଟ ଦେଇପାରିବେ। ଯାହାକୁ ନେଇ ପୁଲିସ, ଦିବ୍ୟଙ୍ଗ, ବରିଷ୍ଠ ନାଗରିକଙ୍କ ସମେତ ବୃଦ୍ଧିଜୀବୀ ମହଲରେ ସ୍ୱାଗତ କରାଯିବା ସହ ଏଭଳି ପଦକ୍ଷେପକୁ ପ୍ରଶଂଶା କରାଯାଇଛି।

୩ୟ ଆନ୍ତଃରାଜ୍ୟ ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବ୍ରହ୍ମପୁରର ଲାୟନ୍ସ ଇଲେଭେନ୍ ଚାମ୍ପିଅନ





**ବ୍ରହ୍ମପୁର, ୨୮।୧(ସମିସ)**

ସ୍ଥାନୀୟ ଗୋସାଣିନୂଆଗାଁ କେ.ସି. ହାଇସ୍କୁଲ ଖେଳପଡ଼ିଆରେ କେ.ସି. ଇଲେଭେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ଆନ୍ତଃ ରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ବ୍ରହ୍ମପୁରର କେ.ସି. ଇଲେଭେନ ବନାମ ବ୍ରହ୍ମପୁର ଲାୟନ୍ସ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଲାୟନ୍ସ ଇଲେଭେନ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କେ.ସି ଇଲେଭେନ ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୪.୧ଓଭର ଖେଳି ସମସ୍ତ ୱିକେଟ ହରାଇ ମୋଟ ୧୩୦ରନ କରିଥିଲେ। ଦଳ ପକ୍ଷରୁ ସୌମ୍ୟ ମହାନ୍ତି ୧୫ବଲରୁ ଦ୍ରୁତ ୨୯ରନ ଓ ନୟନ ଆଚାର୍ଯ୍ୟ ୧୪ବଲରୁ ୨୮ରନ ସଂଗ୍ରହ କରିଥିଲେ। ଲାୟନ୍ସ ଇଲେଭେନ ଦଳ ପକ୍ଷରୁ ମାରି ୩ଓଭର ବୋଲିଂ କରି ୨୩ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲାୟନ୍ସ ଇଲେଭେନ ଦଳ ୧୪.୩ଓଭରରେ ୮ଟି ୱିକେଟ ବିନିମୟରେ ଆବଶ୍ୟକ ୧୩୩ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ମାରି ୬ଟି ବଲରୁ ଦ୍ରୁତ ୨୫ ରନ ସଂଗ୍ରହ କରି ଦଳକୁ ଚାମ୍‌ପିଅାନ କରାଇବାରେ ସହାୟକ ହୋଇଥିଲେ। କେ.ସି. ଇଲେଭେନ ଦଳ ପକ୍ଷରୁ ବବୁଲୁ ୩ଓଭର ବୋଲିଂ କରି ୧୪ରନ ବିନିମୟରେ ସର୍ବାଧିକ ବ୍ୟକ୍ତିଗତ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚକୁ ଲାୟନ୍ସ ଇଲେଭେନ ଦଳ ୨ଟି ୱିକେଟରେ ମ୍ୟାଚ ଜିତି ଚାମ୍ପିଆନ ଟ୍ରଫି ହାତେଇଥିଲା। କେ.ସି ଇଲେଭେନ ଦଳ ପକ୍ଷରୁ ମାରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଖେଳାଳୀ ଭାବେ କେ.ସି. ଇଲେଭେନ ଦଳର ସୁଦର୍ଶନ ରେଡ଼ି, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଲାୟନ୍ସ ଇଲେଭେନ ଦଳର ରାଜି ରେଡ଼ି, ଶ୍ରେଷ୍ଠ ବୋଲର ଭାବେ ଲାୟନ୍ସ ଇଲେଭେନ ଦଳର ଜି. ନବୀନ ପୁରସ୍କୃତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଅମ୍ପାୟାର ଭାବେ ଡ଼ି. ଲିଙ୍ଗରାଜୁ ଓ ସୁବ୍ରତ ବକ୍ସି ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଆଦିତ୍ୟ ପାଢ଼ୀ ଓ ଜଗନ୍ନାଥ ଚୌଧୁରୀ ଏବଂ କମେଣ୍ଟ୍ରିରେ ଶୁଭମ ପାତ୍ର ଓ ଲୁସନ ପଣ୍ଡା ସହଯୋଗ କରିଥିଲେ। ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସୁରତ କୁମାର ପଣ୍ଡା, ୨୮ ନଂ ୱାର୍ଡର କର୍ପୋରେଟର ପାର୍ବତୀ ପ୍ରଧାନ ଓ ତାରିଣୀ ଚରଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଉଭୟ ଚାମ୍ପିଆନ ଓ ରନର୍ସଅପ ଦଳକୁ ଟ୍ରଫି ସହ ବିଜୟୀ ଟିମକୁ ୬୦ହଜାର ଓ ରନର୍ସ ଅପ ଟିମକୁ ୪୦ହଜାର ଟଙ୍କାର ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ.ସି ଇଲେଭେନ କ୍ରିକେଟ କ୍ଲବର ସଭାପତି ବରେଶ ମହାପାତ୍ର, ବିଜୟ ପଟ୍ଟନାୟକ, ଶୁଭମ ପାତ୍ର, ବିଜୟ ପଟ୍ଟନାୟକ, ଲିପନ ପାଣିଗ୍ରାହୀ, ହରିହର ପାଢ଼ୀ ଓ ବଳରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଖେଳକୁ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚକୁ ଦେଖିବାକୁ ବହୁ ସଂଖ୍ୟାରେ କ୍ରୀକେଟ ପ୍ରେମୀଙ୍କ ଭିଡ ଜମିଥିଲା।

ସକାଳ THE SAKALA



**୫ଟି ପ୍ରକଳ୍ପ ପାଇଁ ୨୯୩ କୋଟି ଅନୁଦାନ**

# ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

ଜଗନ୍ନାଥପ୍ରସାଦ, ୨୮ ।୧(ସମିସ)



ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ପ୍ରକଳ୍ପ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ଶ୍ରୀ ଆରୁଖ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ ୫ଟି ପ୍ରକଳ୍ପ ପାଇଁ ମୋଟ ୨୯୩ କୋଟି ୦୧ଲକ୍ଷ ଟଙ୍କାର ପାନୀୟ ଜଳ ପ୍ରକଳ୍ପର ଶୁଭ ଓ ଉଦଘାଟନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତାର ଭିତ୍ତିପ୍ରସ୍ତର ଏବଂ ପଞ୍ଚାୟତ ଗୃହକୁ ଉଦଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ଆରୁଖ ପ୍ରଥମେ ବିଡ଼ିପୁର ପଞ୍ଚାୟତ ଅଧୀନ ଭୂଷଣ୍ଡପାଳ ଗ୍ରାମରେ ୧୦୯ କୋଟି ୧୩ଲକ୍ଷ ବିନିମୟରେ ବସୁଧା ଯୋଜନାରେ ପଞ୍ଚାୟତରାଜ ପାନୀୟ ଜଳ ଯୋଗାଣ ବିଭାଗ ପ୍ରକଳ୍ପର ଭିତ୍ତିପ୍ରସ୍ତର, ତରପ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୮୯କୋଟି ୩ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ଦେଇଥିବା ବେଳେ କାଦୁଆ ପଞ୍ଚାୟତ ଅଧୀନ ସିଙ୍ଗିପୁର ଗ୍ରାମରେ ୮୬କୋଟି ୫୩ଲକ୍ଷ ଟଙ୍କାର ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । ପାନୀୟ ଜଳ ପ୍ରକଳ୍ପ ବିଭାଗର ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ପରିଡ଼ା, ସହକାରିଯନ୍ତ୍ରୀ ନିହାର ରଞ୍ଜନ ପ୍ରଧାନ ଓ ସଞ୍ଜୟ କୁମାର ପ୍ରଧାନ ଓ ଗ୍ରାମବାସୀ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ । ଅନ୍ୟପକ୍ଷରେ ୭କୋଟି ୯୭ଲକ୍ଷ ଟଙ୍କା ବିନିମୟରେ ବିଡ଼ିପୁର ଠାରୁ ଅଢେଇଗାଁ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଭାୟା ଖମାରପଲ୍ଲୀ- ନିମପଦର ପ୍ରାୟ ୮କିମି ୫ଶହ ମିଟର ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନର ଶୁଭ ଦେଇଥିଲେ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, କନିଷ୍ଠଯନ୍ତ୍ରୀ ଯୋଗେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ପରିଶେଷରେ କାଦୁଆ ମଙ୍ଗରାଜପୁର ସ୍ଥିତ ଗୋପୀନାଥ ସ୍ୱାମୀ ନୋଡାଲ ବିଦ୍ୟାପୀଠର ଖେଳ ପଡ଼ିଆ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଆରୁଖଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, କନ୍ଧମାଳ ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ, ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ୨୬ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାନସୀ ସେଠୀ, କାଦୁଆ ସରପଞ୍ଚ ରୁନିଲତା ସାହୁ, ସମିତି ମେମ୍ବର ପ୍ରକାଶ ଚନ୍ଦ୍ର ନାଇକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦାର୍ଶନୀ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ସମାଜସେବୀ ଶୁଳପାଣି ଶତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ବିଭାଗୀୟ ଅଧିକାରୀ ରାମକୃଷ୍ଣ ମହାନ୍ତି, ଜିପିଓ ମାଥୁରାମ ନାୟକ, ପିଇଓ ବସନ୍ତ କୁମାର ସାହୁ, ସମସ୍ତ ସରପଞ୍ଚ ଏବଂ ସମିତି ମେମ୍ବର, ଶତାଧିକ ଅଞ୍ଚଳବାସୀ ସହଯୋଗ କରିଥିଲେ ।

## ଖଡ଼ଭାଗ ଦୁର୍ଘଟଣାରେ ୩ ମୃତକଙ୍କ ପରିବାରକୁ ସହାୟତା ଦାବି

**ଆସିକା, ୨୮ ।୧(ସମିସ):** ୫୯ନଂ ଜାତୀୟ ରାଜପଥର ଖଡଭାଗ ଗ୍ରାମ ନିକଟରେ ଗତ ୨୬ ତାରିଖ ଶୁକ୍ରବାର ଦିନ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶୋଚନୀୟ ମୃତ୍ୟୁବରଣ ହୋଇଥିବା ତିନି ଜଣଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନେଇ ବିଭିନ୍ନ ମହଲରୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ହୋଇଛି । ଉଲ୍ଲେଖଯୋଗ୍ୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଉତ୍ସାହ ଉଦ୍ଦୀପନା ଲାଗି ରହିଥିବା ବେଳେ ବାଲିଗୁଡାରୁ ବ୍ରହ୍ମପୁର ଯାଉଥିବା ମା' ତାରିଣୀ ଯାତ୍ରୀବାହି ବସ ସହ ବ୍ରହ୍ମପୁରରୁ ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲକୁ ଭୋଜି ସାମଗ୍ରୀ ବୋଝେଇ ପିକଅପ୍ ଭ୍ୟାନର ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ପିକଅପ୍ ଚାଳକ ସହ ମୋଟ ୩ଜଣଙ୍କର ମୃତ୍ୟୁ ହୋଇଥିଲା । ସମସ୍ତ ମୃତକ ବ୍ରହ୍ମପୁର ହଳଦିଆପଦର ଗ୍ରାମର ରାଜେନ୍ଦ୍ର ବଡୁ, ସୁନୀତା ପାତ୍ର ଓ ପିକ୍ ଅପ୍‌ର ଡ୍ରାଇଭର ବୁଲୁ ବେହେରା ବୋଲି ଜଣାପଡ଼ିଛି । ଘଟଣାର ତଦନ୍ତ ଜାରି ରହିଥିବାବେଳେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ଚକାପାଦରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ଚକାପାଦ, ୨୮ ।୧(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦସ୍ଥିତ ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟରେ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଛି । ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ଜିଲ୍ଲା ପରିଷଦ ସଭ୍ୟା ରଂଚନା ନାୟକ, ଜିଲ୍ଲା ମାଣ୍ଡିଆ କୃଷି ଅଧିକାରୀ ଅନିଲ ପ୍ରହରାଜ, ଡିସିପି ସବିତା ସୁବୁଦ୍ଧି, ସହକାରୀ ଉପନିବନ୍ଧକ ଲଳିତ ମୋହନ ମାଝୀ, ବ୍ରାହ୍ମଣପାଦ ସରପଞ୍ଚ ହେମାକେଶ ମଲ୍ଲିକ, ଲ୍ୟାମ୍ପ ସଭାପତି ଅଭିମନ୍ୟୁ ମଲ୍ଲିକ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ହେମନ୍ତ ଦାସ, ଯୋଗ ଦେଇଥିଲେ । ପ୍ରଥମ ଦିନରେ ୩ ଜଣ ଚାଷୀ ଠାରୁ ୨ କ୍ୱିଣ୍ଟାଲ ୭୨ କେଜି ମାଣ୍ଡିଆ କିଣାଯାଇଥିଲା । ବିକ୍ରି ପାଇଁ ୫୮୯ଚାଷୀ ପଞ୍ଜୀକୃତ କରିଥିବା ବେଳେ ୫୦୦ କ୍ୱିଣ୍ଟାଲ ମାଣ୍ଡିଆ କିଣାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମକୁ ସମବାୟ ସମିତି ପରିଚାଳକ ନିର୍ଦ୍ଦେଶକ ରଘୁନାରାୟଣ ସାହୁ ପରିଚାଳନା କରିଥିଲେ ।

## ୭୦ ୟୁନିଟ୍ ରକ୍ତ ସଂଗୃହୀତ

**ଗଞ୍ଜାମ, ୨୮ ।୧(ସମିସ):** ଗଞ୍ଜାମ ସ୍ୱେଚ୍ଛାସେବୀ ସଂଗଠନ ଇକୋ ୱାରିୟର, ଗଞ୍ଜାମ ପରିବାର ପକ୍ଷରୁ ସ୍ଥାନୀୟ ଭାରତୀ ବିଦ୍ୟାପୀଠ ସଭା ଗୃହରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗ୍ରାସିମ ୟୁନିଟ ହେଡ ଅଜୟ ଗୁପ୍ତା ଯୋଗଦେଇ ହୋଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ବିନୋଦ ମହାପାତ୍ର, ଗ୍ରାସୀମ ଇଣ୍ଡଷ୍ଟ୍ରି ଏଚଆର ହେଡ୍ ନିରୋଜା ପଟ୍ଟନାୟକ, ଗ୍ରାସୀମ ଲୋକ ସମ୍ପର୍କ ସୂଚନା ଅଧିକାରୀ ସୁସ୍ମିତା ବେହେରା, ପରିବେଶବିତ ଡ଼ଃ ଶଙ୍କର ନାରାୟଣ ବେଜ ଯୋଗଦେଇ ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ । ବ୍ରହ୍ମପୁର ରକ୍ତ ଭଣ୍ଡାର ଡକ୍ଟର ଓ ସଦସ୍ୟ ଯୋଗଦାନ କରି ୭୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସେହିପରି ଇକୋ ୱାରିଓର ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ହୋଇଥିବା ପରିବେଶ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀ ଅଂଶୁମାନ ତ୍ରିପାଠି, ରିତେଶ ନାୟକ, ଅମ୍ରିତା ଭାରତୀ ବେହେରା, ଆୟୁଷ୍ମାନ ଦାଶ ଏବଂ ରଲି ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିବିରକୁ ଇକୋ ୱାରିୟର ପରିବାରର ପ୍ରଣବ ପ୍ରଧାନ, ପ୍ରଭାତ ବିଶ୍ୱାଳ, ଦୁର୍ଗା ମାଧବ ପାଣିଗ୍ରାହି, ଜି.ଡି ରେଡି, ସନ୍ତୋଷ ତରାଇ, ଅଖିଳ ତରାଇ, ସୀମାଞ୍ଚଳ ଦାସ, କରୁଣାକର ରେ‡ୀ, ସଞ୍ଜୟ ସ୍ୱାଇଁ, ଦିପୁ ପଲାଇ ପ୍ରମୁଖଙ୍କ ସହ ଇକୋ ୱାରିୟସର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ ।

## କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ବୈଠକ

**ରମ୍ଭା, ୨୮ ।୧(ସମିସ):** ସ୍ଥାନୀୟ କଲେଜ ଛକ ପାର୍ଶ୍ୱରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମିଳିତ ବୈଠକ କୃଷକ ନେତା ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ୭୫ ତମ ଜନ ରାଜ୍ୟ ଦିବସ ଅବସରରେ ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ ନୀତି ସମ୍ବନ୍ଧରେ ଧର୍ମ ନିରପେକ୍ଷ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ପାଇଁ ଦେଶ ବ୍ୟାପୀ ଗଣ ପଟୁଆର ଅବସରରେ ଅନୁରୂପ ଭାବେ ରମ୍ଭା ଠାରେ ଏକ ଆଲୋଚନା ଚକ୍ର ର ଏକ ବୈଠକ ହୋଇଥିଲା । କାର୍ଯ୍ୟକ୍ରମରେ କୃଷକ ସଭାର ଗଞ୍ଜାମ ଜିଲ୍ଲା ସଭାପତି ପି. ହରେକୃଷ୍ଣ ରେଡି, ଖଲ୍ଲିକୋଟ ଜର୍ଣ୍ଣାଲ ସମ୍ପାଦକ ଦୂର୍ଗା ଚରଣ ପାତ୍ର, ପୂର୍ଣ୍ଣ ରଥ, ବି ଦଣ୍ଡପାଣି ପାତ୍ର, ଅଜୟ ଗୌଡ଼ ଖଲି ସ୍ୱାଇଁ, ଜେ ଭାସ୍କର ପାତ୍ର, ଜେ ଲୋକନାଥ ପାତ୍ର, ରାମ ପାତ୍ର, ସାବୁଲିୟା ଶାଖା ସମ୍ପାଦକ ସନ୍ତୋଷ ଦଳେଇ, ଖଲି ତରେଇ, ଧର୍ମରାଜ ସ୍ୱାଇଁ, ସରପଞ୍ଚ ବୈରାଗୀ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ଏ ରଘୁ ପାତ୍ର, ଏସ ରବୀନ୍ଦ୍ର ନାଥ ପ୍ରମୁଖ ଶତାଧିକ କର୍ମୀ ବୈଠକରେ ଭାଗ ନେଇଥିଲେ ।

## ସଂସ୍କୃତି ଭବନ ପାଇଁ ଜମି ଅଧିଗ୍ରହଣ

**କବିସୂର୍ଯ୍ୟନଗର, ୨୮ ।୧(ସମିସ):** କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ନିକଟ ମାରଦା ଠାରେ କେନ୍ଦ୍ରୀୟ ସଂସ୍କୃତି ଭବନ ପାଇଁ ଜମି ଅଧିଗ୍ରହଣ କରାଯାଇଛି । ଏହି ଭବନ ଲାଗି ମଥୁରା ଗ୍ରାମର ବିଶିଷ୍ଟ ସମାଜସେବୀ ପ୍ରଫୁଲ କୁମାର ସ୍ୱାଇଁ ଓ ଅଭିମନ୍ୟୁ ସ୍ୱାଇଁ ଜମି ଦାନ କରିଛନ୍ତି । ତେଣୁ ଉଭୟଙ୍କୁ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଆଠଗଡ଼ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । କେନ୍ଦ୍ରୀୟ ସଂସ୍କୃତି ଭବନ ନିତ୍ୟାନନ୍ଦ ବିଷୋୟୀ ବାଟିକା ପ୍ରତିଷ୍ଠା ପାଇଁ ୬୫ ଡେସିମେଲ ଜମି ପ୍ରଦାନ କରିଛନ୍ତି । ଉକ୍ତ ଜମିର ମାଲିକାନା ପ୍ରଫେସର କୈଳାସ ନାଥ ସ୍ୱାଇଁ, ଆଇନଜୀବୀ ପ୍ରହ୍ଲାଦ ବିଷୋୟୀ, ଶିକ୍ଷାବିତ ବିଜୟ କୁମାର ସ୍ୱାଇଁ, ଶିକ୍ଷାବିତ ପ୍ରଫୁଲ କୁମାର ଖଟୁଆ, ସମାଜସେବୀ କୃପାସିନ୍ଧୁ ଜେନା, ଶିକ୍ଷାବିତ ନାରାୟଣ ବିଷୋୟୀ, ସମାଜସେବୀ ପ୍ରମୋଦ କୁମାର ସ୍ୱାଇଁ ଜମି ରେଜିଷ୍ଟ୍ରେସନ ପ୍ରଦାନ କରିଥିଲେ ।

## କନ୍ଧମାଳ ସାଂସଦଙ୍କ ପକ୍ଷରୁ ମିନି ମାରାଥନ



**ଜଗନ୍ନାଥପ୍ରସାଦ, ୨୮ ।୧(ସସିସ):** ଜଗନ୍ନାଥପ୍ରସାଦ ବ୍ଲକରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକଙ୍କ ତତ୍ତ୍ୱାବଧାନରେ ୬ଷ୍ଠ ମିନି ମାରାଥନ ୨୦୨୪ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହାକୁ ସଫଳ କରିବା ପାଇଁ ଜଗନ୍ନାଥ ପ୍ରସାଦ ଆଞ୍ଚଳିକ ଡିଗ୍ରୀ କଲେଜ ଓ ବିଡ଼ିପୁର ଦେବସ୍ଥାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଅଧ୍ୟାପକ, ସମାଜସେବୀ ଉପସ୍ଥିତ ରହିଥିଲେ । ଏହି ମାରାଥନ କାର୍ଯ୍ୟକ୍ରମ ଜଗନ୍ନାଥ ପ୍ରସାଦ ମାକରଞ୍ଜୋଇ ମନ୍ଦୀର ଠାରୁ ଆରମ୍ଭ ହୋଇ ମୁଖ୍ୟ ବଜାର, ବଡଦାଣ୍ଡ, କରଣ ସାହି, ପାଇକ ସାହି, ବ୍ଲକ କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ସେଠାରେ କିସ୍ ଓ କିଟ୍ ଅନୁଷ୍ଠାନ ବିଷୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଭୂୟାଁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ଥାନାଧିକାରୀ ଅରୁଣ କୁମାର ସିଂ, ଆଞ୍ଚଳିକ ଡିଗ୍ରୀ କଲେଜ ଅଧ୍ୟକ୍ଷ ସନାତନ ସାହୁ, ନୋଡାଲ ଅଧିକାରୀ ପ୍ରମୋଦ କୁମାର ଚୌଧୁରୀ, ଭଞ୍ଜ କିଶୋର ରଣା, ସୁଧୀର କୁମାର ପଟ୍ଟନାୟକ, ସମିତି ମେମ୍ବର ଯୁଦ୍ଧିଷ୍ଠିର ସେଠୀ, ସମାଜସେବୀ ଦେବୀ ପ୍ରସାଦ ମହାପାତ୍ର, ବିରୂପାକ୍ଷ ସେଠୀ, ବିଭୁତି ଭୂଷଣ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ ।

## କିସ୍ ଓ କିମ୍ ପକ୍ଷରୁ ମିନି ମାରାଥନ୍



**ଭଞ୍ଜନଗର, ୨୮ ।୧(ସମିସ):** 'ସମସ୍ତଙ୍କ ପାଇଁ ଶିକ୍ଷା'କୁ ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଲୋକସଭା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୋତ୍ସାହନରେ ୨୦୧୫ରୁ ମିନି ମାରାଥନ ଆୟୋଜିତ ହୋଇଆସୁଛି । ଏହି ଅବସରରେ ଭଞ୍ଜନଗର ଠାରେ ମଧ ଷ୍ଟେଟ ବ୍ୟାଙ୍କ ଛକରୁ ମିନି ମାରାଥନକୁ ସବୁଜ ପତାକା ଦେଖାଇ ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଶୁଭାରମ୍ଭ କରିବା ପରେ ଖାଲା ସାହି, ମେନ ରୋଡ଼ ଦେଇ ଏନଏସି ଟାଉନ ହଲରେ ଶେଷ ହୋଇଥିଲା । ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିଲେ । ଏଥିରେ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଶୂଳପାଣି ଶତପଥୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱାମିତ୍ର ହରପାଲ, ଏନଏସି ଇଓ ଆଶୁତୋଷ ଗୌରବ କରଙ୍କ ସମେତ ସମସ୍ତ କାଉନସିଲର ଓ ସ୍ଥାନୀୟ ଯୁବକ ଉପସ୍ଥିତ ଥିଲେ ।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କଲେ ବିଧାୟକ



**ଛତ୍ରପୁର, ୨୮ ।୧(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଏ. ତୋଟାପଲ୍ଲୀ ଗ୍ରାମରେ ଏକ କଲ୍ୟାଣ ମଣ୍ଡପକୁ ରବିବାର ଉଦଘାଟନ କରିଛନ୍ତି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ଛତ୍ରପୁର ବିଧାୟକଙ୍କ ହାତ ପାଣ୍ଠି ଓ ସମିତି ଅନୁଦାନରୁ ଏହାର ରୁପାନ୍ତରିକରଣ କରାଯାଇଛି । କାର୍ଯ୍ୟକ୍ରମରେ ୧୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି କାଳିଆ ନାହାକ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ ଓ ଗ୍ରାମ କମିଟି ସଭାପତି ହରିହର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ମିନି ମାରାଥନ୍



**ପାରଳାଖେମୁଣ୍ଡି, ୨୮ ।୧(ସମିସ):** ପାରଳାଖେମୁଣ୍ଡିରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ କିଟ ଓ କିସ ଅନୁଷ୍ଠାନ ତରଫରୁ ସମସ୍ତଙ୍କ ପାଇଁ ଶିକ୍ଷା ବିଷୟକୁ ନେଇ ମିନି ମାରାଥନ ଆୟୋଜିତ ହୋଇଥିଲା । ପ୍ରଥମେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଯୁବକ, ଯୁବତୀଙ୍କ ସ୍ଥାନୀୟ କଲେଜ ଛକରେ ପଞ୍ଜୀକରଣ କରାଯିବା ପରେ ଗଣଦୌଡ ଆରମ୍ଭ କରାଯାଇଥିଲା । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାରାଥନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବକଯୁବତୀ, ସ୍ଥାନୀୟ ଲୋକେ ଓ ଗଣମାଧ୍ୟମ ପ୍ରତିନିଧି ଗଣଦୌଡରେ ସାମିଲ ହୋଇ ଗଜପତି ଷ୍ଟାଡିୟମରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ସଭାରେ କିଟ ଓ କିସ ଅନୁଷ୍ଠାନର ବସନ୍ତ କୁମାର ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଏଚଓଡି ଫିଜିକ୍ସ ଜେଏନଭି ପାରଳାଖେମୁଣ୍ଡିର ହରପ୍ରସାଦ ମିଶ୍ର ଯୋଗ ଦେଇ କିଟକିସ ପ୍ରତିଷ୍ଠାତାଙ୍କ ମହତ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଗଜପତି ଜିଲ୍ଲା କିସ ସଂଯୋଜକ ଉଦିତ କୁମାର ସିଁ ଓ ପୂର୍ବତନ କିସ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ ।



**କ.ନୂଆଗାଁ:** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକରେ କୀଟ ଓ କିସ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟରେ ଷଷ୍ଠ ତମ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ଲକ୍ଷ୍ୟରେ କୀଟକିସର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତଙ୍କ ଏହି ମହାନ ଉଦେଶ୍ୟ ନେଇ ଏହି ମିନି ମାରାଥନ ୨୦୧୬ ମସିହାରୁ ଲଗାତାର ଭାବେ ଆୟୋଜିତ ହେଉଛି । ବାଲିଗୁଡା ବିଧାୟକ ଚକ୍ରମଣୀ କଂହର, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, କ.ନୂଆଗାଁ ବିଡ଼ିଓ ମନ୍ମଥନାଥ ମଳିକ, ତହସିଲଦାର ଅର୍ଜୁନ ପ୍ରଧାନ, କ.ନୂଆଗାଁ ଜିଲ୍ଲା ପରିଷଦ ସଭ୍ୟା ଅନିତା ମଳିକ ଯୋଗ ଦେଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ । କଂଞ୍ଚାମେଣ୍ଡି ରୁ କ.ନୂଆଗାଁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ ଓ ଅଂଚଳବାସୀ ଗଣଦୌଡ଼ରେ ସାମିଲ ହୋଇ ଦୌଡ଼ିଥିଲେ । ପରେ କୀଟ ଓ କିସ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥିବୃନ୍ଦ କୀଟ କିସର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦଙ୍କ ସମସ୍ତଙ୍କ ପାଇଁ ଶିକ୍ଷା ଭଳି ମହାନ ଉଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ର ଯୁବବର୍ଗଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ମିନି ମାରାଥନରେ ସାମିଲ ହୋଇଥିବା ସମସ୍ତ ଛାତ୍ର ଓ ଯୁବବର୍ଗଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷ୍ଣ ମୋହନ ପାଣିଗ୍ରାହୀ, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, କନ୍ଧମାଳ ସାଂସଦଙ୍କ କ. ନୂଆଗାଁ ବ୍ଲକ ପ୍ରତିନିଧି ସହଦେବ ପାତ୍ର, ସାଂସଦ ଙ୍କ ବ୍ଲକ ସଂଯୋଜକ ଅଚ୍ୟୁତାନନ୍ଦ ପାତ୍ର, ବିଜେଡି ବ୍ଲକ ସଭାପତି ଭାଗ୍ୟବାନ ବେହେରା, ଯାଦବ ପ୍ରଧାନ ମିନି ମାରାଥନରେ ସାମିଲ ହୋଇଥିଲେ ।

## 'ସ୍ୱାମୀମାନେ ସାବଧାନ' ନାଟକ ମଞ୍ଚସ୍ଥ

**ଗଞ୍ଜାମ, ୨୮ ।୧(ସମିସ):** ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଅଧ୍ୟାପକ ଡ଼ଃ. ଗୌରୀ ଶଙ୍କର ଶତପଥୀଙ୍କ ନିର୍ଦ୍ଦେଶନାରେ 'ସ୍ୱାମୀ ମାନେ ସାବଧାନ' ଗଞ୍ଜାମ ସହର ସ୍ଥିତ ମିନି ଷ୍ଟାଡିୟମ ପରିସରରେ ମଞ୍ଚସ୍ଥ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ ଗଞ୍ଜାମ କଳାର ମାଟି । ଏହି ସାଂସ୍କୃତିକ ଅନୁଷ୍ଠାନ ମଞ୍ଚ କଳାକୁ ଉଦଜ୍ଜୀବିତ କରିବା ଓ ସ୍ଥାନୀୟ କଳାକାରଙ୍କୁ ପ୍ରୋତ୍ସାହାନ ଯୋଗାଇ ଆସୁଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ବ୍ରହ୍ମପୁର ଅଞ୍ଚଳ ଯୁବ ସମାଜସେବୀ ଏ. ସନ୍ତୋଷ କୁମାର ପାତ୍ର ବିଶିଷ୍ଟ ଅତିଥିଭାବେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଜିଲ୍ଲା ବିଜେଡି ଯୁବ ସଭାପତି ଭବାନୀକାନ୍ତ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଗଞ୍ଜାମ ଏନଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ବିଜେଡି ଜିଲ୍ଲା ଛାତ୍ର ସଭାପତି ଲିଙ୍ଗରାଜ ପାତ୍ର, ବ୍ଲକ ଛାତ୍ର ସଭାପତି ବାଦଲ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପଲାଇ, ବିଜେଡି ଜିଲା ଯୁବ ଉପସଭାପତି ଅକ୍ଷୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହିଥିଲେ । ଅନୁଷ୍ଠାନର ସଭାପତି ଶବର କୁମାର ତରାଇ ଉଦଘାଟନି ସମାରୋହରେ ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ଉମାକାନ୍ତ ବେହେର. ବିଜେଡି ଯୁବ ସଭାପତି ସୁଧିର କୁମାର ପାଢ଼ୀ, ଆଇନଜୀବୀ ଦିଲିପ କୁମାର ପଟ୍ଟନାୟକ, ନୀଳାଞ୍ଚଳ ବାରିକି, ରଙ୍ଗନାଥ ପଲାଇ, ବି. ବନମାଳି ଉପଦେଷ୍ଟା ମଣ୍ଡଳୀ, ମ୍ୟାନେଜର ଗୋବିନ୍ଦ ରେଡି, ସହ ସମ୍ପାଦକ ନିରଞ୍ଜନ ପରିଡ଼ା, କୋଷାଧକ୍ଷ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ଉପସଭାପତି ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶବର, ବିଦ୍ୟା, ଅକ୍ଷୟ, ପ୍ରଦୀପ, ବନମାଳି, କାର୍ତ୍ତିକ, ମନୁ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ ।



## ସ୍ୱତନ୍ତ୍ର ଉନ୍ନୟନ ଉପଦେଷ୍ଟାଙ୍କ ପାତ୍ରପୁର ବ୍ଲକ୍ ଗସ୍ତ




**ପାତ୍ରପୁର, ୨୮ ।୧(ସମିସ):** ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ ରବିବାର ପାତ୍ରପୁର ବ୍ଲକ ଗସ୍ତ କରି ବ୍ଲକର ଆଦିବାସୀ ଲୋକଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ପଚାରି ବୁଝିଛନ୍ତି । ବ୍ଲକର ତୁମ୍ବା ପଂଚାୟତ ଭାଲିଆସାହି ନିକଟସ୍ଥ ବୁଧବାର ହାଟ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକ୍ରମରେ ଉପଦେଷ୍ଟା ଶ୍ରୀ ମାଝୀ ଉପସ୍ଥିତ ରହି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀଙ୍କ ସୀମାହୀନ ବିକାଶର ବାଟ ବୋଲି କହିଥିଲେ । ଏହି ଅବସରରେ ବହୁ ଆଦିବାସୀ ନେତା ଓ ଅଧିବାସୀ ଆଦିବାସୀଙ୍କ ସମସ୍ୟା, ମୌଳିକ ଅସୁବିଧା ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିଦ୍ୟାଧର ଯାନୀ, ଉପାଧ୍ୟକ୍ଷା ଚନ୍ଦ୍ରକଳା ଶବର, ଜରଡ଼ା ଜୋନ ଜିଲ୍ଲା ପରିଷଦ ସଭ୍ୟା ଯଶୋଦା ଶବର, ଆଦିବାସୀ ଉନ୍ନୟନ ପରିଷଦ ସଭ୍ୟ ଅରକ୍ଷିତ ମଣ୍ଡଳ, ତୁମ୍ବା ସରପଞ୍ଚ ପ୍ରଶାନ୍ତ ସେଠୀ, ସମିତିସଭ୍ୟ ନାରାୟଣ ନାଇକ, ଗ୍ରାମବିକାଶ ମ୍ୟାନେଜର ଶରତ ମହାନ୍ତି, ଶିବରାମ ପ୍ରଧାନ, ଲକ୍ଷ୍ମୀକାନ୍ତ ବିଷୋୟୀ, ସତ୍ୟ ବଡମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପହଞ୍ଚିବା ପରେ ତୁମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ପାତ୍ରପୁର ବିଡିଓ ସୁମନ ସୁଧା କୁଣ୍ଡୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ତୁମ୍ବା ଉନ୍ନୟନ ସଂସ୍ଥା ଓପିଲିପି ପ୍ରକଳ୍ପ ସୋସିଆଲ ମୋବିଲାଇଜର ଅଜିତ କୁମାର ବିଷୋୟୀ, କୈଳାସ ସାହୁ, ପର୍ଶୁରାମ କାର୍ଜି, ବିଜୟ ସେଠୀ, ଡମ୍ବୁରୁ ସାହୁ, ରାଜୁ ପାଇକ, ଅନନ୍ତ ଶବର, ହରିଆ ଶବର, ବାୟାଧର କାର୍ଜି ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଉଦଘୋଷକ ରାଜଗୋପାଳ ପାଢ଼ୀ ସଂଯୋଜନା କରିଥିଲେ ।

**ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

# ସ୍ପୋର୍ଟସ୍ ହଷ୍ଟେଲ୍ ଫୁଲବାଣୀ ଚାମ୍ପିଅନ

କ.ନୂଆଗାଁ, ୨୮ ।୧(ସମିସ)



କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଚାଲେଞ୍ଜ କପର ରବିବାର ଫାଇନାଲ ମ୍ୟାଚ ସ୍ପୋର୍ଟ ହଷ୍ଟେଲ ଫୁଲବାଣୀ ଏବଂ ଫୁଲବାଣୀ ଫୁଟବଲ ଟିମ ମଧ୍ୟରେ ହୋଇଥିଲା । ଏଥିରେ ସ୍ପୋର୍ଟ ହଷ୍ଟେଲ ଫୁଲବାଣୀ ୧-୦ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କଂହର, ସମ୍ମାନିତ ଅତିଥି ଭାବେ ବାଲିଗୁଡା ବିଜେଡି ସଭାପତି ତଥା ବାଲିଗୁଡା ସାଂସଦ ପ୍ରତିନିଧି ଟୁନା ଦାସ, କ. ନୂଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବଲିଗୁଡା ବିଜେଡି ପର୍ଯ୍ୟବେକ୍ଷକ ଅଜୟ ମହାରଣା, କ. ନୂଆଗାଁ ବ୍ଲକ ସାଂସଦ ପ୍ରତିନିଧି ସହଦେବ ପାତ୍ର, ବିଜେଡି ଜିଲ୍ଲା ସମ୍ପାଦକ, ନୂଆଗାଁ ବ୍ଲକ ସଭାପତି ଭାଗ୍ୟବାନ ବେହେରା, ସାରଙ୍ଗଡ଼ ସରପଞ୍ଚ ବରୁଣ କଂହର, ଫଂଡଗୁଡା ସରପଞ୍ଚ ସଞ୍ଜୟ ପ୍ରଧାନ, ଜିରିଡିକିଆ ସରପଞ୍ଚ ରାଜକୁମାରୀ ପ୍ରଧାନ, ସାରଙ୍ଗଡ଼ ବିଜେଡି ସଭାପତି ଚନ୍ଦ୍ରକାନ୍ତ ନାୟକ ଫଂଡଗୁଡା ବିଜେଡି ଉପସଭାପତି ଅଶୋକ ପାତ୍ର ଯୋଗ ଦେଇଥିଲେ । ଚାମ୍ପିଅନ ଦଳଙ୍କୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ଏବଂ ରନର୍ସ ଅପ ଦଳଙ୍କୁ ଟ୍ରଫି ସହ ପନ୍ଦର ହଜାର ଟଙ୍କା, ମ୍ୟାନ ଅଫ ଦା ମ୍ୟାଚ ଖେଳାଳିଙ୍କୁ ପାଞ୍ଚ ଶହ ଟଙ୍କା ଓ ଶ୍ରେଷ୍ଠ ଗୋଲ କିପରଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ରାକେଶ କୁମାର କୋଠଦଳେଇ, ସହକାରୀ ରେଫରୀ ଭାବେ କାମାକ୍ଷ ପ୍ରଧାନ, ଅମିତ ବିଷୋୟୀ, ରାଧାକାନ୍ତ ବିଷୋୟୀ ପରିଚାଳନା କରିଥିଲେ । ମ୍ୟାଚ କମିଶନର ଭାବେ ପୀତବାସ ବିଷୋୟୀ ଦାୟିତ୍ୱ ପରିଚାଳନା କରିଥିଲେ । ଅଶୋକ ପାତ୍ର ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ସାରଙ୍ଗଡ଼ ଫୁଟବଲ ଆସୋସିଏସନ ସହଯୋଗ କରିଥିଲା । ସାରଙ୍ଗଡ଼, ଫଂଡଗୁଡା, ଜିରିଡିକିଆ ବିଜୁ ଜନତା ଦଳ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ ।

## ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**କୋଦଳା, ୨୮ ।୧(ସମିସ):** କୋଦଳା ଥାନାରେ ନୂତନ ଥାନାଧିକାରୀ ଭାବେ ଯୋଗ ଦେଲେ ଶ୍ରୀ ସୁବାଷ ବେହେରା। ପୂର୍ବରୁ ଶ୍ରୀ ବେହେରା ନୟାଗଡ଼ ଜିଲ୍ଲାର ଇଟାମାଟି ଥାନାରେ କାର୍ଯ୍ୟରତ ଥିଲେ। ନୂତନ ଥାନା ଅଧିକାରୀ ଶ୍ରୀ ବେହେରାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ପୂର୍ବରୁ କୋଦଳା ଥାନାରେ କାର୍ଯରତ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ କଟକ ଜିଲ୍ଲାକୁ ବଦଳି ହୋଇଛି।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଖଲ୍ଲିକୋଟ, ୨୮ ।୧(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ, ତହସିଲଦାର ଶ୍ରୀକୁମାର ରଥ, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନା ସେଠୀ, ଚିକିଲି ସରପଞ୍ଚ ନୟନି ପ୍ରଧାନ, ନାଏବ ସରପଞ୍ଚ ଅରୁଣ କୁମାର ଖୁଣ୍ଟିଆ, ସମିତି ସଭ୍ୟା କୁମାରୀ ଦାସ, ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରୀ ଚରଣ ପାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥି ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ପଞ୍ଚାୟତର କେତେକ କୃତୀ ପ୍ରତିଭା ଧାରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ



**ଛତ୍ରପୁର, ୨୮ ।୧(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ସଂଘର ମାସିକ ବୈଠକ ସ୍ଥାନୀୟ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସେବାନିବୃତ୍ତ କର୍ମଚାରୀ ଓ ବିକାଶ ମଞ୍ଚର ସଭାପତି କାମରାଜୁ ମହାରଣା ଯୋଗଦେଇ ସେବା ନିବୃତ୍ତଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ଶତପଥି, କୋରା ମହାରଣା, ମାଧବ ବିଷୋୟୀ, ବିପ୍ର ଚରଣ ପ୍ରଧାନ, ଅନ୍ତର୍ଯ୍ୟାମୀ ଶତପଥୀ, ଗଙ୍ଗାଧର ନାହାକ, କୈବଲ୍ୟ ପ୍ରଧାନ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ପ୍ରସ୍ତାବ ଦେଇଥିଲେ। ସମ୍ପାଦକ ପତିତପାବନ ବିଷୋୟୀ ସଂଘର ବିବରଣୀ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସଂଘର ଦୁଇଜଣ ସଦସ୍ୟ ସୋମନାଥ ସାହୁ ଓ ବାଉରୀବନ୍ଧୁ ସାହୁଙ୍କ ପରଲୋକରେ ସ୍ୱର୍ଗତ ଆବାର ସଦଗତି ପାଇଁ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥଲା।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

**ଭଞ୍ଜନଗର, ୨୮ ।୧(ସମିସ)**



ଭଞ୍ଜନଗର ବ୍ଲକର ହରିଗଡ଼ ଓ ଦୋ ମୁହାଣୀ ପଞ୍ଚାୟତ ଗସ୍ତ କରି ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ସେଥି ମଧ୍ୟରେ ହରିଗଡ଼ ଶାନ୍ତି ନଗର ଠାରେ ଅଙ୍ଗନବାଡ଼ି ଗୃହ ଉଦଘାଟନ, ହରିଗଡ଼ ଠାରୁ ଚଢ଼େୟା ପଲି ରାସ୍ତାର ବଡ଼ ନଦୀ ଉପରେ ବିଜୁସେତୁର ଭିତ୍ତି ପ୍ରସ୍ତର ସ୍ଥାପନ, ହରିଗଡ଼ ତୈଳିକ ସମାଜ ଗୋଷ୍ଠୀ କେନ୍ଦ୍ର ଉଦଘାଟନ, ଦୋ ମୁହାଣୀ ପଞ୍ଚାୟତ ଗରୁଡୁ ଖମଣ ସାହିରେ ପାନୀୟ ଜଳଯୋଗାଣ ପ୍ରକଳ୍ପର ଉଦଘାଟନ, ଖମଣ ସାହି ଠାରେ ମିଶନ ଶକ୍ତି ଗୃହ, ଖମଣ ସାହି ଠାରୁ ଦୋ ମୁହାଣୀ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ପରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟା ଭାଗ୍ୟଲତା ସେଠୀ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଜିଲ୍ଲା ଉପସଭାପତି ରାଜ କୁମାର ସାହୁ, ବିଡିଓ ଶଶୀ ଭୂଷଣ ମହାପାତ୍ର, ସିଡିପିଓ ବିଷ୍ଣୁପ୍ରିୟା ସେଠୀ, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ୍ ଶିବିର

**ବେଲଗୁଣ୍ଠା, ୨୮ ।୧(ସମିସ):** ବେଲଗୁଣ୍ଠା ବ୍ଲକ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତ୍ମ ସୁରକ୍ଷା ତାଲିମ୍ ଶିବିର ଅଧ୍ୟକ୍ଷା ମାମା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଷ୍ଟର୍ ଟ୍ରେନର୍ ଅର୍ଚ୍ଚନା ବିଶ୍ୱାଳ, ସୁରଭି ବେହେରା ଏବଂ ବର୍ଷାରାଣୀ ସ୍ୱାଇଁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରୁଛନ୍ତି। ଅଧ୍ୟାପକ ରାଧା ମାଧବ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୧୭ ବର୍ଷରୁ କମ୍ ଜାତୀୟ କ୍ରିକେଟ୍ ଟିମ୍‌ରେ ସନ୍ତୋଷ



**କାଶୀନଗର, ୨୮ ।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ସ୍ଥିତ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶଙ୍କର ଲେଙ୍କା ୧୭ବର୍ଷରୁ କମ ଜାତୀୟ କ୍ରିକେଟ ଦଳରେ ସ୍ଥାନ ପାଇ ଓଡ଼ିଶା ତରଫରୁ ବିହାରର ପାଟଣାରେ ଖେଳିଛନ୍ତି। କାଶୀନଗର ସହରର ବାସିନ୍ଦା ଶଙ୍କର ଲେଙ୍କାଙ୍କ ପୁତ୍ର ସନ୍ତୋଷ ସପ୍ତମ ଶ୍ରେଣୀ ଠାରୁ କ୍ରିକେଟ ଖେଳି ଆସୁଥିବା ବେଳେ ସେ ଭଲ ବୋଲର। ପାରଳାଖେମୁଣ୍ଡି ରେ ଜିଲ୍ଲା ସ୍ତରୀୟ କ୍ରିକେଟ ଟ୍ରଫି ଖେଳିଥିଲେ। ସେଠାରୁ ରାଜ୍ୟ ସ୍ତରୀୟ କ୍ରିକେଟ ଟିମରେ ଚୟନ ହୋଇ ସମ୍ବଲପୁରରେ ଖେଳିଥିଲେ। ପରେ ସେ ଜାତୀୟ କ୍ରିକେଟ ଦଳରେ ସ୍ଥାନ ପାଇଥିବା ନେଇ ସୂଚନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ ଜାନୁୟାରୀ ମାସ ୮ତାରିଖରୁ ୧୬ତାରିଖରେ ବିହାରର ପାଟଣାରେ ଜାତୀୟ ବିଦ୍ୟାଳୟ ସ୍ତରରେ ଖେଳିଥିଲେ ସନ୍ତୋଷ। ଏନେଇ ପାରଳାଖେମୁଣ୍ଡି ଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଏସପି ସ୍ୱାତୀ ଏସ କୁମାର ଓ ଜିଲ୍ଲା ବନାଧିକାରୀ ଏସ ଆନନ୍ଦଙ୍କ ଉପସ୍ଥିତିରେ ସନୋଷଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷଙ୍କ ସଫଳତାକୁ ନେଇ କାଶୀନଗର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ଜାତୀୟ ମତଦାତା ଦିବସ ପାଳିତ

**ବେଲଗୁଣ୍ଠା, ୨୮ ।୧(ସମିସ):** ବେଲଗୁଣ୍ଠାର ପ୍ରତ୍ୟେକ ବୁଥରେ ୧୪ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବୁଥରେ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୁବ ମତଦାତା ମାନଙ୍କୁ ନିରପେକ୍ଷ ମତଦାନ ସମ୍ପର୍କରେ ସଚେତନ କରାଯାଇଥିଲା ଓ ଏହି ଅବସରରେ ବେଲଗୁଣ୍ଠାରେ ବିଏଲ୍‌ଓ ସୁପରଭାଇଜର ଭାବେ କାର୍ଯ୍ୟରତ ଶିକ୍ଷକ ମୋହନ ସେଠୀ ବ୍ଲକ ପାଇଁ ଗର୍ବ ଆଣିଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଠାରୁ ପ୍ରଶଂସା ପତ୍ର ଏବଂ ଟ୍ରଫି ଗ୍ରହଣ କରିଛନ୍ତି। ସେହିପରି ବେଲଗୁଣ୍ଠା ବ୍ଲକର ଶ୍ରେଷ୍ଠ ବିଏଲ୍‌ଓ ସୁପରଭାଇଜର ଭାବେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏବଂ ଶ୍ରେଷ୍ଠ ବିଏଲ୍‌ଓ ଭାବେ ଗୀତାଞ୍ଜଳି ରଥ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନୀଲ୍ କୁମାର ସେଠୀଙ୍କ ଠାରୁ ପ୍ରଶଂସା ପତ୍ର ଗ୍ରହଣ କରିଛନ୍ତି ଓ ଉଭୟ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ପୁରସ୍କୃତ ହୋଇଥିବା ବିଏଲ୍‌ଓ ସୁପରଭାଇଜର ଏବଂ ବିଏଲ୍‌ଓଙ୍କୁ ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ଶୁଭେଚ୍ଛା ଜଣାଇଛନ୍ତି।

## ବିଜେଡି କାର୍ଯ୍ୟାଳୟରେ ଜନରାଜ୍ୟ ଦିବସ

**କ.ନୂଆଗାଁ, ୨୮।୧(ସମିସ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ମହାସିଙ୍ଗି ସ୍ଥିତ ବିଜେଡି କାର୍ଯ୍ୟାଳୟରେ ୭୫ ତମ ସାଧାରଣତନ୍ତ୍ର ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ପ୍ରତିନିଧି ଟୁନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ବିଧାୟକ ଚକ୍ରମଣୀ କହଁର, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତିଲତା ନାୟକଙ୍କ ସମେତ କାଉନସିଲର ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକଙ୍କ ନିକଟତର ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଯୋଜନାକୁ ସଫଳ କରିବା ପାଇଁ ସମସ୍ତ ନେତା ଓ କର୍ମୀ ସଂକଳ୍ପ ନେଇଥିଲେ।



# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ



କବିସୂର୍ଯ୍ୟନଗର



ଦିଗପହଣ୍ଡି

**କବିସୂର୍ଯ୍ୟନଗର, ୨୮ ।୧(ସମିସ)**

କବିସୂର୍ଯ୍ୟନଗର ବ୍ଲକ ବୋରିସିଂ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରିୟ ସଚେତନତା ଶିବିର। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ସାଂସଦ ପ୍ରତିନିଧି ସତ୍ୟବାନ ସାହୁ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏ ଶିବିରରେ ବୋରିସିଂ ସରପଞ୍ଚ ପ୍ରମିଳା ବାରିକ ଓ ତାଙ୍କ ପ୍ରତିନିଧି ମୋହନ ବାରିକ, ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ବଡ଼ମହୁରୀ ସମିତି ସଭ୍ୟ ବ୍ରଜେନ୍ଦ୍ର ପ୍ରଧାନ, ବରିଡା ସରପଞ୍ଚ ଗୀତାଞ୍ଜଳି ସାହୁ, ବୋଲସର ସରପଞ୍ଚ ଉମାରାଣୀ ବେହେରା, ବୋଲସର ସମିତି ସଭ୍ୟ ସନ୍ତୋଷ କୁମାର ସେଠୀ, ବରିଡା ସମିତି ସଭ୍ୟା ପିପିନା ସାହୁ, ବାଉଁସିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ ସେଠି, ସୁବଳୟା ସରପଞ୍ଚ ରାଜେନ୍ଦ୍ର ପ୍ରଧାନ, ଶିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ, ଖଜକ୍ଷପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ, ବାଉଁସିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ ପ୍ରମୁଖ ଜନପ୍ରତିନିଧି ଯୋଗ ଦେଇଥିଲେ। ସେହିପରି ଏବିଡ଼ିଓ ନାରାୟଣ ବେହେରା, ଏବିଇଓ ଲକ୍ଷ୍ମଣ ଜେନା, ବିଏସଏସଓ ରାମଚନ୍ଦ୍ର ଜେନା, ବିପିଏମ ରାଜ କୁମାର ସାହୁ, ସିପି ବିଶ୍ୱାନାଥ ଦାସ, ପିଓ ରାଜେଶ୍ୱରୀ ହାତୀ, ସିଆରସିସି ରାଜେଶ ମହାରଣା, ଅଙ୍ଗନବାଡି ସୁପରଭାଇଜର ସହଯୋଗ କରିଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଡିଓ ଜୀତେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆମ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରରେ ଲୋକଙ୍କୁ ବିଭିନ୍ନ ଯୋଜନା ସହିତ ପଞ୍ଚାୟତର ବିକାଶ କାର୍ଯ୍ୟ ସମ୍ପର୍କରେ ସଚେତନତା କରାଗଲା। ବିଏସକେୱାଇ କାର୍ଡ, ସାମାଜିକ ସୁରକ୍ଷା, ଜଗନ୍ନାଥ ସଂସ୍କୃତି, ମିଶନ ଶକ୍ତି ସମେତ ବିଭିନ୍ନ ବିକାଶ ଏବଂ ପଞ୍ଚାୟତ ସ୍ତରରେ ହୋଇଥିବା ବଡ ବଡ ପ୍ରକଳ୍ପର ବିକାଶ ଗୁଡିକ ଏଲଇଡି ମାଧ୍ୟମରେ ଜନ ସାଧାରଣ ମାନଙ୍କୁ ସଚେତନ କରିବା ସହ ପଞ୍ଚାୟତର ବିକାଶର ଏକ ବହି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଙ୍ଗିପୁର ସରପଞ୍ଚ ପ୍ରତିମା କୁମାରୀ ମହାପାତ୍ର, ସମିତି ସଭ୍ୟକ୍ଷ ଗୁଣମଣି ମଣ୍ଡଳ, ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ମହାପାତ୍ର, ପିଇଓ ପ୍ରମୋଦ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଶିବାନୀ ପାତ୍ର, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମବାସି ସମେତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଆୟୋଜିତ ‘ନୂଆ - ଓ’, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ସସ୍ମିତା କୁମାରୀ ପାଠୀଙ୍କ ଅଧ୍ୟକ୍ଷତା ଏବଂ ନୋଡାଲ ଅଧିକାରୀ ସୁଧୀର କାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ହୃଦୟ ରଞ୍ଜନ ମେକାପ, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ଏନଏସି ପୂର୍ବତନ ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ଆଇନଜୀବୀ ହରପ୍ରସାଦ ରଥ, ପୂର୍ବତନ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଅବସରପ୍ରାପ୍ତ ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା, ସାମାଜିକ ସଚେତନତା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପୀତବାସ ପାଢ଼ୀ, ଅଧ୍ୟାପିକା ମଞ୍ଜୁଳା କୁମାରୀ ସାମନ୍ତରାୟ, ସବିତା କୁମାରୀ ପଣ୍ଡା, କର୍ମଚାରୀ ଏମ୍. ଭାସ୍କର, ମମିତା ପଣ୍ଡା, ବି. ଲୋକନାଥ ସହଯୋଗ କରିଥିଲେ।



ସାନଖେମୁଣ୍ଡି

**ଆସିକା:** ଆସିକା ବ୍ଲକର ସିଦ୍ଧନୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇ ନବୀନ ସରକାରଙ୍କ ଗାଁ ଗାଁ ରେ ଚାଲିଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ବିଷୟରେ ପଞ୍ଚାୟତବାସୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଉପାଧ୍ୟକ୍ଷା ରେସ୍ମା ଦୋରା, ସିଦ୍ଧନୟୀ ସରପଞ୍ଚ ତନୁଲତା ବିଷୋୟୀ, ସମିତିସଭ୍ୟ ପି. ରାଜୀବ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ସୌଦାମିନୀ ନାହାକ, ଅନିମା ପରିଡ଼ା, ପୂର୍ବତନ ସରପଞ୍ଚ ନନ୍ଦ କୁମାର ବିଷୋୟୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଲାଇନ ଡିପାର୍ଟମେଣ୍ଟର ସମସ୍ତ ଅଧିକାରୀ ଏବଂ ସମସ୍ତ ବ୍ଲକ କର୍ମଚାରୀ ଯୋଗ ଦେଇଥିବାବେଳେ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।



## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



**ବୁଗୁଡ଼ା, ୨୮ ।୧(ସମିସ):** ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଶୋଇ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଏନ୍‌ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, କାଉନସିଲର ବିନୋଦିନୀ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କ୍ରୀଡା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକଳାପରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ପରିଚାଳନା କରିଥିବାବେଳେ ଅଧ୍ୟାପକ ସନ୍ତୋଷ କୁମାର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ଯୁବ ଆକ୍ରୋଶ ସମାବେଶ

**ଦିଗପହଣ୍ଡି, ୨୮ ।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ ଦିଗପହଣ୍ଡି ଠାରେ ଯୁବ କଂଗ୍ରେସର ବିଶାଳ ବାଇକ୍ ଶୋଭାଯାତ୍ରା ସହ ଯୁବ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ହୋଇଥିଲା।

କୁକୁଡାଖଣ୍ଡି ବ୍ଲକର ଆମ୍ବଗଡ଼ ଠାରେ ବିଧାୟକ ପହଞ୍ଚିବା ପରେ ଦଳୀୟ କର୍ମୀ ସମେତ ବହୁ ମହିଳା ପୁଷ୍ପମାଲ୍ୟ ଦେଇ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ବାଇକରେ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ମାନେ ଶୋଭାଯାତ୍ରାରେ ବାହାରି ଦିଗପହଣ୍ଡି ସହରରେ ପହଞ୍ଚିଥିଲେ। ଏହାପରେ ଚାମୁଣ୍ଡା ଦେବୀ ପାହାଡ଼ ପାଦଦେଶରେ ଅନୁଷ୍ଠିତ ଯୁବ ଆକ୍ରୋଶ ସମାବେଶରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନ ସମ୍ପର୍କେରେ ଆଲୋଚନା କରିଥିଲେ। ଏହି ସମାବେଶ ଶୋଭାଯାତ୍ରାରେ ଯୁବ କଂଗ୍ରେସ ରାଜ୍ୟ ସଭାପତି ରଞ୍ଜିତ ପାତ୍ର, ଛାତ୍ର କଂଗେସ ରାଜ୍ୟ ସଭାପତି ୟାସିର ନୱାଜ, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ବିକାଶ ପଶୁପାଳକ, ଦିଗପହଣ୍ଡି ଏନଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡା, ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ର, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ କେ.କୁନା, ଖଲ୍ଲିକୋଟ ବିଧାୟକ ପ୍ରାର୍ଥୀ ଭୋକାଲି ସେଠୀ, କଂଗ୍ରେସ ନେତା ସାକା.ସୁଜିତ, ମହିଳା କଂଗ୍ରେସ ସଭାନେତ୍ରୀ ସୁବାଷିନୀ ପଟ୍ଟନାୟକ, କାଉନସିଲର ସୁନୀଲ ପଣ୍ଡା, ସନ୍ତୋଷିନୀ ବେହେରା, ଇ . ଗାୟତ୍ରୀ, ମାମାନୀ ବେହେରାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଫୁଲବାଣୀ, ୨୮।୧(ସମିସ):** ନୂଆ-ଓ ମାଧ୍ୟମରେ ଯୁବଗୋଷ୍ଠୀଙ୍କ ସଶକ୍ତିକରଣ ତଥା ସେମାନଙ୍କ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ନିମନ୍ତେ ଦକ୍ଷତା ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଛି। ଯୁବ ପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଓ କ୍ରୀଡ଼ା ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ କରିଛନ୍ତି।

ଏହି ପରିପ୍ରେକ୍ଷୀରେ, ଜିଲ୍ଲା ସଦରମହକୁମା ଫୁଲବାଣୀର ବିଭିନ୍ନ ସ୍ଥାନରେ ଜିଲ୍ଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ୧୨ ବ୍ଲକ ସମେତ ଫୁଲବାଣୀ ପୌର ପରିଷଦର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବକ ଯୁବତୀ ତଥା ପିଲାମାନଙ୍କର ଉତ୍ସାହ ଦେଖି ଜଣାପଡୁଛି ସେମାନେ ଏହିଭଳି ଏକ ସୁଯୋଗର ଅପେକ୍ଷାରେ ଥିଲେ। ଏବେ ସେମାନେ ସେମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ ବୋଲି ଶ୍ରୀ ମଲ୍ଲିକ କହିବା ସହ ଏଭଳି ଏକ ନିଆରା ପଦକ୍ଷେପ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏଥିରେ ଯୋଗ ଦେଇ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ପିଲାମାନଙ୍କ ପାଇଁ ଆବଶ୍ୟକ ଥିଲା। ସେମାନଙ୍କର ସଶକ୍ତିକରଣ ତଥା ସେମାନଙ୍କ ନିକଟରେ ଥିବା ଅନ୍ତର୍ନିହିତ



ପ୍ରତିଭାର ବିକାଶ ପାଇଁ ପଞ୍ଚାୟତ ସ୍ତରରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ନିଶ୍ଚିତ ଭାବେ ସେମାନଙ୍କ ଦକ୍ଷତା ବିକାଶରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ କହଁର ଧନ୍ୟବାଦ ଜଣାଇଥିଲେ। କିଛି ପିଲା ପଞ୍ଚାୟତ ସ୍ତରରେ ରହିଯାଉଥିଲେ। ଆଗକୁ ବଢ଼ିପାରୁ ନଥିଲେ। ସରକାର ଏବେ ସେମାନଙ୍କୁ ଉପରକୁ ଉଠିବା ପାଇଁ ସୁଯୋଗ ଦେଇଛନ୍ତି ଏହି ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ। ସେମାନେ ଏହାର ସଦୁପଯୋଗ କରିବା ଆବଶ୍ୟକ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ କହିଥିଲେ। ତେବେ ସେମାନେ ଶୃଙ୍ଖଳା ମଧ୍ୟରେ ରହି ନିଜର ପ୍ରତିଭାକୁ ଶତ ପ୍ରତିଶତ ପ୍ରଦର୍ଶନ କରିବାକୁ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସିଥିବା ପିଲାଙ୍କ ପାଇଁ ଆଜି ହେଉଛି ଉତ୍ସାହ ଓ ଉଦ୍ଦୀପନାର ଦିବସ କହିଲେ ଭୁଲ ହେବ ନାହିଁ। କାରଣ ସେମାନେ ଏବେ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି ଏବଂ ଆଗକୁ ଯିବାର ସମ୍ଭାବନା ସୃଷ୍ଟି ହୋଇପାରିଛି ବୋଲି କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ଭୋଇ ଏହି ଅବସରରେ କହିଥିଲେ। କନ୍ଧମାଳ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଧନ୍ୟବାଦ ଅର୍ପଣ କରିବା ସହିତ ପିଲାଙ୍କୁ ଶୃଙ୍ଖଳିତ ଭାବରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ କ୍ରୀଡ଼ା ଛାତ୍ରାବାସର ପିଲାମାନେ ମଶାଲକୁ ପଡ଼ିଆରେ ପରିକ୍ରମା କରିବା ପରେ ମୁଖ୍ୟ ଅତିଥିଙ୍କୁ ପ୍ରଦାନ କରିଥିଲେ। ପ୍ରତିଯୋଗୀ ନିଜ ନିଜ ବ୍ଲକର ପ୍ଲା କାର୍ଡ଼ ଓ ଫ୍ଲାଗ୍ ଧରି ପ୍ୟାରେଡ୍ କରିବା ପରେ ମୁଖ୍ୟଅତିଥି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଷ୍ଟାଡିୟମରେ ଖୋଖୋ, କବାଡି, ଭଲିବଲ୍ ଓ ହକି ପ୍ରତିଯୋଗିତା ଆୟୋଜନ କରାଯିବା ବେଳେ, ରିଜର୍ଭ ପଡ଼ିଆରେ କ୍ରିକେଟ୍ ଓ କରୋନେସନ ପଡ଼ିଆରେ ଫୁଟ୍‌ବଲ୍ ପ୍ରତିଯୋଗିତା ଆୟୋଜନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ



**ଖଜୁରୀପଡ଼ା, ୨୮।୧(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ୭୫ ତମ ସାଧାରତନ୍ତ୍ର ଦିବସ ପାଳନ କରାଯାଇଥିଲା। ଅଧ୍ୟକ୍ଷା ଅନିମା କହଁର ଜାତୀୟ ପତାକା ଉତ୍ତୋଳନ କରିବା ପରେ ଅଭିବାଦନ ଗ୍ରହଣ ସହ ଅଭିଭାଷଣ ପ୍ରଦାନ କରିଥିଲେ। ନୋଡାଲ ହାଇସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ। ସହକାରୀ ଯନ୍ତ୍ରୀ ଶୁଭସ୍ମିତା ନାଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ମମତା ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ଅନୁସୂଚିତ ଜାତି ( ପାଣ ) ସମାଜ କଲ୍ୟାଣ କମିଟି ପକ୍ଷରୁ ଖଜୁରୀପଡ଼ା ମାର୍କେଟ କମ୍ପ୍ଲେକ୍ସରେ ଜନରାଜ୍ୟ ଦିବସ ପାଳିତ ହୋଇଥିଲା। ସଭାପତି ଉଦ୍ଧବ ଦିଗାଲ ପତକା ଉତ୍ତୋଳନ କରିଥିଲେ। ଖଜୁରୀପଡ଼ା ସମବାୟ ସମିତି ପକ୍ଷରୁ ସଭାପତି ସୁଶିଲ ଜାନି ପତାକା ଉତ୍ତୋଳନ କରିଥିବା ବେଳେ ଦୂତିମେଣ୍ଡି ସମବାୟ ସମିତିରେ ଲୁଦୁ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ।। ମା ଇଷ୍ଟ ଦେବୀ ଯୁବ କଳା ପରିଷଦ ଯୁବକ ସଂଘ ବଲସକୁମ୍ପାରେ ଜନରାଜ୍ୟ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅମ୍ବିକା କହଁର ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ବିଦୁର ବେହେରା ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଖଜୁରୀପଡ଼ା ବିଶ୍ରାମଗୃହ ସମ୍ମୁଖରେ ଓଡ଼ିଶା ଡ୍ରାଇଭର ମହା ସଂଘ ତରଫରୁ ଜନରାଜ୍ୟ ଦିବସ ପାଳିତ ହୋଇଥିଲା। ଏଥିରେ ସମାଜସେବୀ ଅନନ୍ତ ଦିଗାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସ୍କୁଲ କଲେଜ, କୁଇ ସମାଜ, ତହସିଲ, ଥାନା, ରାଜସ୍ୱ ନୀରିକ୍ଷକ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜନରାଜ୍ୟ ଦିବସ ପାଳିତ ହୋଇଥିଲା।।୧୪ ପଞ୍ଚାୟତରେ ସରପଞ୍ଚ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଦିବସରେ ଖଜୁରୀପଡ଼ା ମା' ସୁରାଦେଇ ସେବା ସଂଘ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା।ଏଥିରେ ଲାଇନ୍‌ପଡ଼ା ଫୁଟବଲ ଟିମ୍ ଚମ୍ପିଅନ ହୋଇଥିଲା।

# ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ତୁମୁଡିବନ୍ଧ, ୨୮।୧(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକରେ ବିଜୁ ଜନତା ଦଳକୁ ସୁଦୃଢ କରିବା ନିମନ୍ତେ ନିର୍ବାଚିତ ଜନପ୍ରତିନିଧି ଏବଂ ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ଉପସଭାପତି, ଯୁବ ଛାତ୍ର, ମହିଳା ତଥା ସମସ୍ତ ବ୍ଲକ କମିଟି କର୍ମକର୍ତ୍ତା ଉଦ୍ୟମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ସାହୁଙ୍କ ନେତୃତ୍ୱରେ ବେଲଘର ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ନୀଳାମ୍ବର ନାୟକଙ୍କ ତତ୍ତ୍ୱାବଧାନରେ ଆଗାମୀ ନିର୍ବାଚନକୁ ଆଖିରେ ରଖି ବେଲଘର ପଞ୍ଚାୟତ ମୁଖ୍ୟ ବଜାର ପରିସରରେ ବିଜୁ ଜନତା ଦଳର କାର୍ଯ୍ୟାଳୟ ଉଦଘାଟନ କରାଯାଇଛି। ବାଲିଗୁଡା ବିଧାୟକ ଚକ୍ରମଣୀ କହଁର ଏହାକୁ ଉଦଘାଟନ କରିଥିଲେ। ବିଧାୟକ ପ୍ରତିନିଧି କୁନା ଦଣ୍ଡସେନା, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ବେଲଘର ପଞ୍ଚାୟତ ସଭାପତି ନୀଳାମ୍ବର ନାୟକ, ତୁମୁଡିବନ୍ଧ ପଞ୍ଚାୟତ ସଭାପତି ଜିସାୟ ମଣ୍ଡଳ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘର ବୈଠକ, କର୍ମକର୍ତ୍ତା ଚୟନ

**ଜି.ଉଦୟଗିରି, ୨୮ ।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ନେତ୍ରାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ସର୍ବେଶ୍ୱର ମିଶ୍ର, ସମ୍ପାଦକ ପଦ୍ମ ଚରଣ ସାହୁ, ଉପସଭାପତି ଅଚ୍ୟୁତ ନନ୍ଦ କହଁର, ସଂଗଠନ ସମ୍ପାଦକ ପ୍ରଶନ୍ନ କୁମାର ସାହାଣୀ, ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ବରିଷ୍ଠ ନାଗରିକ ସଂଘ ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘ ନାମରେ ଦୁଇଟି କମିଟି ଗଠନ କରାଯିବା ସହିତ କର୍ମକର୍ତ୍ତା ଚୟନ କରାଯାଇଥିଲା। ବରିଷ୍ଠ ନାଗରିକ ସଂଘ



ପାଇଁ ସଭାପତି ଭାବେ ନେତ୍ରାନନ୍ଦ ବେହେରା, ଉପସଭାପତି ଭାବେ ସୁବାସ ପଣ୍ଡା ଏବଂ ଅବଦୁଲ ବାରି, ସମ୍ପାଦକ ବିଶ୍ୱନାଥ ନାୟକ, ସହସମ୍ପାଦକ ଗୋପାଳ ନାୟକ, ସଂଗଠନ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରିଣୀ ସଭ୍ୟ ଭାବେ ଅଭିରାମ ପ୍ରଧାନ, ଅରୁଣ ପ୍ରଧାନ, ଶିଶିର ପଟ୍ଟନାୟକ, ପଞ୍ଚାନନ ଡାକୁଆ, ପ୍ରହଲ୍ଲାଦ ବେହେରା, ପତିତପାବନ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ସେହିଭଳି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଭାବେ ନେତ୍ରାନନ୍ଦ ବେହେରା, ଉପସଭାପତି ଗୋଲକ ପଟ୍ଟନାୟକ ଏବଂ ବିଶ୍ୱନାଥ ନାୟକ, ସମ୍ପାଦକ ଲୋକନାଥ ବାରିକ, ସହସମ୍ପାଦକ ଭାବେ ରବୀନ୍ଦ୍ର ନାଥ ପଣ୍ଡା, ସଂଗଠନ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରିଣୀ ସଭ୍ୟ ଭାବେ ବାଣୀଚରଣ ରଥ, ଲଳିତ ମୋହନ ଦାଶ, ଗଗାଂଧର ମିଶ୍ର, ବସନ୍ତ ପ୍ରଧାନ, ଗୋପାଳ ବାଘ, ବିନୋଦ ପ୍ରଧାନ, କିଶୋର ସାହୁ, ଉପଦେଷ୍ଟା ଭାବେ ଲଡ୍ଡୁ କିଶୋର ରଥ, ମନୋରଞ୍ଜନ ପତି ପ୍ରମୁଖ ମନୋନୀତ ହୋଇଥିଲେ। ବରିଷ୍ଠ ନାଗରିକ କିଭଳି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପାଇପାରିବେ ସେ ସମ୍ପର୍କରେ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# 'କିସ୍'ର ଶିକ୍ଷା ସଚେତନତା ଗଣଦୌଡ଼



**ଟିକାବାଲି, ୨୮।୧(ସମିସ):** କନ୍ଧମାଳ ସାଂସଦ ଏବଂ କିସ ଅନୁଷ୍ଠାନ ଦ୍ୱାରା ଟିକାବାଲିରେ ଶିକ୍ଷା ସଚେତନତା ଉଦ୍ଦେଶ୍ୟରେ ଗଣଦୌଡ ଅନଷ୍ଠିତ ହୋଇଥିଲା। ଏହି ଗଣଦୌଡ ଟିକାବାଲି ଏଏମସିଏସ ମହାବିଦ୍ୟାଳୟରୁ ବାହାରି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଦୌଡରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକା ସହ ସ୍ଥାନୀୟ ଯୁବକ/ଯୁବତୀ ମଧ୍ୟ ସାମିଲ ହୋଇଥିଲେ। ଗଣଦୌଡ ପରେ ଖେଳ ପଡ଼ିଆରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇଥିଲେ। ସାଂସଦ ଡ.ଅଚ୍ୟୁତ ସାମନ୍ତ ଗ୍ରାମାଞ୍ଚଳର ଉନ୍ନତ ସହ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ପ୍ରଗତି ନିମନ୍ତେ ତାଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଏଏମସିଏସ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିନବନ୍ଧୁ ମହାନ୍ତି ଯୋଗଦେଇ ଶିକ୍ଷା ମାନବ ସମାଜ ନିମନ୍ତେ ଅପରିହାର୍ଯ୍ୟ ଅଙ୍ଗ ଏବଂ ଶିକ୍ଷା ହିଁ ଉତ୍ତମ ଚରିତ୍ର ଗଠନରେ ସହାୟକ ହୋଇପାରେ ବୋଲ କହିଥିଲେ। ଅନ୍ୟ ଅତିଥି ଭାବେ ଅଧ୍ୟାପକ ନରେନ୍ଦ୍ର ଦିଗାଲ, ସମିତିସଭ୍ୟ ମନୋଜ ଦଳବେହେରା, ସାଂସଦ ପ୍ରତିନିଧି ସୁଜନ ନାୟକ, ବିଧାୟକ ପ୍ରତିନିଧି ତନୁଜ ଭୋଇ, ଯୁବ ସଭାପତି ପ୍ରମିସ ଦିଗାଲ, ଏଏସଆଇ ପଞ୍ଚାନନ ମଲିକ, ସାମ୍ବାଦିକ ଜଶେଫ ଦିଗାଲ ଯୋଗ ଦେଇଥିଲେ। ଟିକାବାଲି ବ୍ଲକ ସାଂସଦ ସଂଯଜକ ପ୍ରଦ୍ୟୁମନୁ ଦିଗାଲ ପରିଚାଳନା କରିଥିଲେ। ଅଂଶଗ୍ରହଣ କରିଥିବା ଯୁବକ ଯୁବତୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।




**ଦାରିଙ୍ଗବାଡ଼ି:** ଲୋକଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ସାଧାରଣରେ ସଚେତନତା ସୃଷ୍ଟି କରିବା ନିମନ୍ତେ କୀଟ ଓ କିସ ପକ୍ଷରୁ ମିନି ମାରାଥନ ଆୟୋଜିତ ହୋଇଥିଲା। କୀଟ ଓ କିସର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଏହି ପ୍ରତିଯୋଗିତା ହୋଇଥିଲା। ଦାରିଙ୍ଗବାଡ଼ି ବ୍ଲକ ପ୍ରାଙ୍ଗଣରୁ ଗଣଦୌଡ଼ ଆରମ୍ଭ ହୋଇ ତିନି ଛକରୁ ପୁଣି ଚାରିଛକ ଦେଇ ମିନି ଷ୍ଟାଡିୟମ ପହଞ୍ଚିଥିଲା। ମୁଖ୍ୟଅତିଥି ଭାବେ ବିଡ଼ିଓ ଗଦାଧର ପାତ୍ର ଯୋଗ ଦେଇ ଏହାର ଉଦଘାଟନ କରିଥିବା ବେଳେ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଏସ ଆଇ ଜିତେନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ଅକ୍ଷୟ ନାୟକ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକ ଏଥିରେ ସାମିଲ ହୋଇଥିଲେ। କୀଟ ଓ କିସ ଅନୁଷ୍ଠାନର ବ୍ଲକ ସଂଯୋଜକ ମୁକେଶ କୁମାର ନାୟକ ପରିଚାଳନା କରିଥିଲେ। ଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଫିରିଙ୍ଗିଆରେ 'କିସ୍' ଓ 'କିଟ୍'ର ଗଣଦୌଡ଼

**ଫିରିଙ୍ଗିଆ, ୨୮।୧(ସମିସ):** ସମଗ୍ର ଓଡ଼ିଶାରେ ସମଗ୍ର ଶିକ୍ଷା ଅଧିକାର ପାଇଁ ରବିବାର କିଟ୍ ଓ କିସ୍ ପକ୍ଷରୁ ଷଷ୍ଠ ମିନି ମାରାଥନ ଗଣଦୌଡ ଆୟୋଜିତ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲା ସଂସଦୀୟ କ୍ଷେତ୍ର ଫିରିଙ୍ଗିଆ ବ୍ଲକ



ସ୍ଥିତ ମିନି ଷ୍ଟାଡିୟମରେ ମଧ୍ୟ ଗଣଦୌଡ ହୋଇଥିଲା। ଫିରିଙ୍ଗିଆ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର, ଜିଲ୍ଲା ପାରମ୍ପରିକ ଲୋକକଳା ସଙ୍ଘ ଜିଲ୍ଲା ଉପସଭାପତି ଅକ୍ଷୟ କୁମାର କର୍ଣ୍ଣ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଗଣଦୌଡକୁ ଅତିଥିମାନେ ସକାଳ ଆଠଟା ସମୟରେ ଫିରିଙ୍ଗିଆ ମିନି ଷ୍ଟାଡିୟମ୍‌ରେ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାୟ ଦୁଇ ଶହରୁ ଅଧିକ ଛାତ୍ରଛାତ୍ରୀ ସମେତ ଅଭିଭାବକ ଯୋଗ ଦେଇ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଦୌଡି ଥିଲେ। ପରେ ମିନି ଷ୍ଟାଡିୟମରେ ଆୟୋଜିତ ଏକ ସଭାରେ ଯୋଗ ଦେଇ ସମ୍ମାନିତ ଅତିଥି କନ୍ଧମାଳ ଭଳି ଏକ ଆଦିବାସୀ ଅଞ୍ଚଳରେ ରହୁଥିବା ଗରିବ ଓ ନିଷ୍ପେଷିତ ଛାତ୍ର ଛାତ୍ରୀଙ୍କୁ କିସ୍ ଓ କିଟ୍ ଶିକ୍ଷାନୁଷ୍ଠାନରେ ମାଗଣାରେ ରଖି ସେମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏହା ଆଜି ଇତିହାସ ସୃଷ୍ଟି କରିଛି। କିଟ୍ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଏହି ଭଳି ଯୁଗାନ୍ତକାରୀ ପଦକ୍ଷେପ ସୃଷ୍ଟି କରି ସମାଜ ଓ ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କ ପାଇଁ ଏକ ଉଦାହରଣ ହୋଇଛନ୍ତି ବୋଲି ଅତିଥିମାନେ କହିବା ସହ ସାଂସଦଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ କିଟର କନ୍ଧମାଳ ଜିଲ୍ଲା ଯୁବ ସଂଯୋଜକ ସତ୍ୟବାନ ଦଳବେହେରା ଓ କଳିଙ୍ଗ ଟିଭିର ଜିଲ୍ଲା ସାମ୍ବାଦିକ ଶିବ ବିଶ୍ୱାଳଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

# ତିନିଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଗୁଡ୍ରିଗାଁ ଚାମ୍ପିଅନ



**ଟିକାବାଲି, ୨୮।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ଜିଗିନାଗାଁରେ ଏକ ତିନି ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୁନିତା କହଁର, ବକ୍ତା ଭାବେ ଶିକ୍ଷକ ମନୋଜ ଦିଗାଲ, ସମ୍ମାନିତ ଅତିଥି ଭାବେ ପିଇଓ ଦୁର୍ଗାଚରଣ ସାହୁ, ସାମ୍ବାଦିକ ବାଳକୃଷ୍ଣ କହଁର ଯୋଗ ଦେଇଥିଲେ। ଏହି ଅବସରରେ ଯୋଗାଣ ସହାୟକ ସୁକାନ୍ତ ଦିଗାଲ, ନାଏବ ସରପଞ୍ଚ ବିରୁପାକ୍ଷ ନାୟକ, ପୂର୍ବତନ ସରପଞ୍ଚ ପୁରସ୍ତମ କହଁର ଉପସ୍ଥିତ ଥିଲେ। ଆଠଟି ଟିମକୁ ନେଇ ତିନି ଦିନ ଧରି ଟୁର୍ଣ୍ଣାମେଣ୍ଟ ଚାଲିଥିଲା। ମିଣିଆ, କଟିମାହା, ମଜାଗାଡା, ଗୁଡ୍ରିଗାଁ, ଗୁମାଗାଡ, କୁଟୁଲାଗଡ଼, ଦାଣ୍ଡିଗପାଙ୍ଗା, ଜିଗିନାଗାଁ ଦଳ ଏଥିରେ ସାମିଲ ହୋଇଥିଲେ। ଅଜିତ କୁମାର କହଁର ପରିଚଳନା ଜଣାପଡ଼ିଛି। ବିକୁ ଦିଗାଲ ଓ ବେଣୁ କହଁର ଅମ୍ପାୟର ଥିଲେ। ଫାଇନାଲ ମ୍ୟାଚ ଗୁଡ୍ରିଗାଁ ଓ ଗୁମାଗାଡ ମଧ୍ୟରେ ହୋଇଥିବା ବେଳେ ଗୁଡ୍ରିଗାଁ ବିଜୟୀ ହୋଇଥିଲା। ବିଜେତା ଦଳକୁ ପାଞ୍ଚ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ମାନଓ ଦିଗାଲ, ଜିତେସ ଦିଗାଲ, ସଞ୍ଜୟ କୁମାର କହଁର ଓ ସ୍ଥାନୀୟ ଯୁବକ ସହଯୋଗ କରି ଥିଲେ।

# ଝିଅ ମୁହଁରେ ବଢୁଛି ମାଂସ ପିଣ୍ଡୁଳା

**ଫିରିଙ୍ଗିଆ, ୨୮।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ପୋଡାପଡ଼ା ଗ୍ରାମର ବିଜୟ ପ୍ରଧାନଙ୍କ ଜ୍ୟେଷ୍ଠ କନ୍ୟା ଗାୟତ୍ରୀ ପ୍ରଧାନ(୨୩) ଏବେ ଅସ୍ୱାଭାବିକ ପରିସ୍ଥିତି ଦେଇ ଗତି କରୁଛନ୍ତି। ଜନ୍ମରୁ ତାଙ୍କ ବାମ ଆଖି ପତା ଉପରେ ଏକ ମାଂସ ପିଣ୍ଡୁଳା ବାହାରିଥିଲା। ଗାୟତ୍ରୀଙ୍କ ପିତାମାତା ସମୟ କ୍ରମେ ଏହି ମାଂସ ପିଣ୍ଡୁଳା ବସିଯିବ ବୋଲି ଆଶା କରିଥିଲେ। ହେଲେ ମାଂସ ପିଣ୍ଡୁଳା ବସିଯିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଜୟ ପ୍ରଧାନ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି। ଦୁଇ ଓଳି ପରଘରେ ମୂଲ ଲାଗିଲେ ଘରେ ଚୁଲି ଜଳୁଛି। ପରିବାରରେ ପୁଣି ୫ପ୍ରାଣୀ। ସ୍ତ୍ରୀ ଲକ୍ଷ୍ମୀ ପ୍ରଧାନ (୪୫) ଓ ମଝିଆ ଝିଅ ମାନସୀ ପ୍ରଧାନ(୧୯)। ଝିଅ ଦଶମ ଶ୍ରେଣୀ ଯାଏ ପାଠ ପଢ଼ିବା ପରେ ଏବେ ମାଙ୍କୁ ଘର କାମରେ ସାହାଯ୍ୟ କରୁଛି। ସବୁଠାରୁ ସାନ ପୁଅ ନବୀନ ପ୍ରଧାନ(୧୭) ବର୍ତ୍ତମାନ ଫିରିଙ୍ଗିଆ କଲେଜର ଦ୍ୱିତୀୟ ବର୍ଷର ଛାତ୍ର। ବିଜୟଙ୍କୁ ସରକାରୀ ସହାୟତା କହିଲେ ୫ପ୍ରାଣୀଙ୍କୁ ୨୫କେଜି ପିଡ଼ିଏସ ଚାଉଳକୁ ଛାଡିଦେଲେ ଆଉ କିଛି ବି ମିଳୁନି। ଭୂମିହୀନ ବିଜୟ ନିଜ ବଡ଼ ଝିଅର ଚିକିତ୍ସା ପାଇଁ ଧାର କରଜ କରି ଅନେକ ସ୍ଥାନ ଯାଇ ଥକି ପଡ଼ିଛନ୍ତି। ଝିଅ ଗାୟତ୍ରୀଙ୍କ ପାଠ ପଢ଼ିବା ପାଇଁ ପ୍ରବଳ ଇଚ୍ଛା,



ହେଲେ ଏହି ସମସ୍ୟା ପାଇଁ ସେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଆଉ ଆଗକୁ ପଢ଼ି ପାରିଲେ ନାହିଁ। ମାଂସ ପିଣ୍ଡୁଳା ଆଖିକୁ ସମ୍ପୂର୍ଣ୍ଣ ଢାଙ୍କି ଦେବାରୁ ତାଙ୍କୁ ଦେଖିବାରେ ସମସ୍ୟା ଦେଲା। ସେ ଅଧାରୁ ପାଠ ଛାଡି ଘରେ ବସି ରହିଛନ୍ତି। ଗାୟତ୍ରୀଙ୍କ ଖବର ଗଣମାଧ୍ୟମରେ ପ୍ରକାଶିତ ହେବାପରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବିଜୟ ପ୍ରଧାନଙ୍କ ପାସ ବହିରେ ୧୫, ୦୦୦ଟଙ୍କା ଝିଅର ଚିକିତ୍ସା ପାଇଁ ଦେଇଥିଲେ। ଜିଲ୍ଲାପାଳଙ୍କ ସହାୟତା ରାଶି ପାଇବା ପରେ ବିଜୟ ନିଜ ଝିଅର ଚିକିତ୍ସା ପାଇଁ ଅଣ୍ଟା ଟଙ୍କା ଅଭାବରୁ ଝିଅର ଚିକିତ୍ସା ଠିକରେ ହୋଇ ପାରି ନ ଥିଲା। ସେଇଠୁ ଫେରିବା ପରେ ଝିଅର ଅବସ୍ଥା ଆଗରୁ ଯେମିତି ଥିଲା ସେମିତି ହୋଇଗଲା। ଝିଅର ଏହି ଅବସ୍ଥା ଦେଖି ପରିବାର ଲୋକେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। କଣ କରିବେ? କେମିତି ଝିଅର ଚିକିତ୍ସା ହେବ? କାହାକୁ ସାହାଯ୍ୟ ମାଗିବେ? କିଏ ସାହାଯ୍ୟ କରିବ? ଏସବୁ କଥା ଭାବି ପିତାମାତା ଦିନ କାଟୁଥିବା ବେଳେ ଜାନୁଆରୀ ୨୩ ତାରିଖ ଦିନ ରାଜ୍ୟପାଳ କନ୍ଧମାଳ ଗସ୍ତରେ ଆସି ଫିରିଙ୍ଗିଆର ବିଭିନ୍ନ ଜାଗା ପରିଦର୍ଶନ କରୁଥିବା ସମୟରେ ଗାୟତ୍ରୀ ଓ ବିଜୟ ତାଙ୍କୁ ଭୋଟି ଦୁଃଖ ଜଣାଇଥିଲେ।

## ଚିକିତ୍ସାରେ ବାଧକ ସାଜିଛି ଅର୍ଥ

ଭିଡି ବ୍ରହ୍ମପୁର ସ୍ଥିତ ଆସ୍ଥା ବେସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ରାଜ୍ୟପାଳ ଝିଅକୁ ଧରି ଭୁବନେଶ୍ୱର ଆସ ବୋଲି ବିଜୟଙ୍କୁ କହିଥିଲେ। ଭୁବନେଶ୍ୱରର ଏକ ଭଲ ଡାକ୍ତରଖାନାରେ ଝିଅକୁ ଭର୍ତ୍ତି କର, ତାର ସମସ୍ତ ଖର୍ଚ୍ଚ ମୁଁ ବୁଝିବି କହି ସେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଝିଅକୁ କେମିତି ଭୁବନେଶ୍ୱର ନେବେ? ରାଜ୍ୟପାଳଙ୍କ ସହିତ କେମିତି ଯୋଗାଯୋଗ କରିବେ? ସେନେଇ ବଡ଼ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକ। ଝିଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।

## ନଦୀରୁ ବିଲୁପ୍ତ ଶାଗୁଣା ଉଦ୍ଧାର



**ଫିରିଙ୍ଗିଆ,୨୮ ।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଅଧିନସ୍ଥ ଟେଲାପାଲି ଗ୍ରାମର ନଦୀରୁ ଏକ ବିରଳ ପ୍ରଜାତିର ଶାଗୁଣା ଉଦ୍ଧାର ହୋଇଛି । ଗ୍ରାମର ୪ଜଣ ଯୁବକ ସୁନୀଲ ରଣା, ବିକାଶ ରଣା, ସିକୁ ରଣା ଏବଂ ନୀଳକଣ୍ଠ ରଣା ଶନିବାର ସକାଳେ ଶୌଚ ପାଇଁ ନଦୀକୁ ଯାଇଥିଲେ । ସେଠାରେ ଥିବା ଏକ ନାଳରେ ଏକ ବିରଳ ପ୍ରଜାତିର ପକ୍ଷୀଟିଏ ବସିଥିବା ଦେଖି ପ୍ରଥମେ ଭୟଭୀତ ହୋଇ ଯାଇଥିଲେ । ପରେ ପକ୍ଷୀକୁ ଉଦ୍ଧାର କରି ଫିରିଙ୍ଗିଆ ପ୍ରେସ କ୍ଲବର ସାମ୍ବାଦିକଙ୍କୁ ଫୋନରେ ଜଣାଇଥିଲେ । ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରୀ ଓ ଉପ ସଭାପତି ସୁଶାନ୍ତ ଦିଗାଲ ଏସମ୍ପର୍କରେ ଫରେଷ୍ଟର ପ୍ରବୀଣ ଦାସଙ୍କୁ ଜଣାଇଥିଲେ। ଫରେଷ୍ଟର ଟେଲାପାଲି ଗ୍ରାମରେ ପହଞ୍ଚିଥିଲେ। ପରେ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ର ଗ୍ରାମରେ ପହଞ୍ଚିଥିଲେ। ଉଦ୍ଧାର ପକ୍ଷୀ ବିରଳ ପ୍ରଜାତିର ଶାଗୁଣା ବୋଲି କହିଥିଲେ। ସେମାନେ ସୁରକ୍ଷିତ ଭାବେ ପକ୍ଷୀକୁ ଫୁଲବାଣୀକୁ ନେଇଥିଲେ । ଉଭୟ ବନାଞ୍ଚଳ ଅଧିକାରୀ ଓ ଫରେଷ୍ଟରଙ୍କ କହିବା ପ୍ରକାରେ ଉଦ୍ଧାର ହୋଇଥିବା ପକ୍ଷୀର ମୁଣ୍ଡରେ କୌଣସି କାରଣ ବଶତଃ ଆଘାତ ରହିଛି । ତେଣୁ ପକ୍ଷୀର ଚିକିତ୍ସା କରାଯିବା ପରେ ସେ ସୁସ୍ଥ ହେଲେ ନନ୍ଦନ କାନନରେରେ ଛଡ଼ାଯିବ। ତେବେ ଏହି ପ୍ରଜାତିର ଶାଗୁଣା ସାଧାରଣତଃ ଏହି ଅଞ୍ଚଳରେ ଦେଖାଯାଉ ନ ଥିବା ବେଳେ ପ୍ରଥମ ଥର ପାଇଁ ଉଦ୍ଧାର ହୋଇଥିବ କୁହାଯାଉଛି।

## ପୋଖରୀରେ ବୁଡ଼ି ଯୁବତୀ ମୃତ

**ପାରଳାଖେମୁଣ୍ଡି,୨୮ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ବଡକତୁରୁ ପଞ୍ଚାୟତ ଛତ୍ରପୁର ଗ୍ରାମସ୍ଥିତ ଏକ ପୋଖରୀରେ ଜଣେ ଅବିବାହିତ ଯୁବତୀଙ୍କ ମୃତ୍ୟୁ ହୋଇଛି। ଗ୍ରାମର ପି.ଆପ୍ପାରାଓଙ୍କ ଝିଅ ପି.ଶୁଶିଳା(୪୩) ମଧ୍ୟାହ୍ନରେ ସ୍ନାନ ନିମନ୍ତେ ପୋଖରୀକୁ ଯାଇଥିଲେ । କୌଣସି କାରଣରୁ ସେ ପାଣିରେ ବୁଡିଯାଇଥିଲେ । ମୃତଦେହ ଭାସିବା ଗ୍ରାମବାସୀ ଦେଖି ଗୁରାଣ୍ଡି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ତାଙ୍କ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସମସ୍ତ ଦିଗକୁ ନେଇ ପୁଲିସ ତଦନ୍ତ କରୁଛି। ପୁଲିସ ମୃତଦେହ ଜବତ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସୂଚନା ଯୋଗ୍ୟ ଯେ, ମୃତ ଯୁବତୀଙ୍କୁ ଫିଟ୍ସ ବା ମୂର୍ଚ୍ଛା ରୋଗ ଥିଲା । ତାଙ୍କ ପରିବାର ଅତି ଗରୀବ ଶ୍ରେଣୀର ହୋଇଥିବା ଯୋଗୁଁ ତାଙ୍କ ବାପା ଓ ଭାଇ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀରେ ଶ୍ରମିକ ଭାବେ କାମ କରୁଥିବା ଗ୍ରାମବାସୀ କହିଛନ୍ତି ।

## ନାଳ ନିର୍ମାଣରେ ଅନିୟମିତତା !



**ପାରଳାଖେମୁଣ୍ଡି, ୨୮ ।୧ (ସମିସ):** ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌର ପରିଷଦ ୧୪ନମ୍ବର ୱାର୍ଡ ଅନ୍ତର୍ଗତ ବାଟଗୌଡ ସାହିରେ ନାଳ ନିର୍ମାଣ କରାଯାଉଥିବା ବେଳେ ଏଥିରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ସାହିବାସିନ୍ଦାଙ୍କ କହିବା ପ୍ରକାରେ ୨୦ ଦିନ ହେଲା ସାହିର ପୁରୁଣା ନାଳକୁ ପୁନରୁଦ୍ଧାର କରିବା ପାଇଁ ପୌରପରିଷଦ ପକ୍ଷରୁ କାମ ଆରମ୍ଭ କରାଯାଇଛି । ନୂତନ ନାଳ ନିର୍ମାଣ ସହ ଏହା ଉପରେ ସିମେଣ୍ଟ ଢାଙ୍କୁଣି ନିମନ୍ତେ ଅର୍ଥ ବ୍ୟୟବରାଦ ହୋଇଛି । ହେଲେ ନାଳ କାମ ଧିମା ଗତିରେ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଛି। ଏହା ସହ ସାହିର କେତେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଘରର ପିଣ୍ଡା ନ ଭଙ୍ଗା ଯାଇ ଛାଡି ଦିଆଯାଇଛି । ଏଥିଯୋଗୁ ନାଳ ସିଧା ସଳଖ ନିର୍ମାଣ ହୋଇପାରିବ ନାହିଁ ବୋଲି କୁହାଯାଉଛି। ସାହିର ପ୍ରତ୍ୟେକ ଘରର ପିଣ୍ଡା କିମ୍ବା ଚଲାପଥକୁ ଭାଙ୍ଗି ଦିଆଯାଇଥିବା ବେଳେ କେତେକ ବ୍ୟକ୍ତି ବିଶେଷଙ୍କ ଘରର ପିଣ୍ଡା କଣ ପାଇଁ ଭଙ୍ଗା ଯାଉନାହିଁ ବୋଲି ସାହିବାସିନ୍ଦା ପ୍ରଶ୍ନ କରିଛନ୍ତି। ଏନେଇ କନିଷ୍ଠଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସେ କୌଣସି ସଠିକ ଉତ୍ତର ଦେଉ ନ ଥିବା ଅଞ୍ଚଳବାସୀ ଜଣାଇଛନ୍ତି। ଅନ୍ୟପକ୍ଷରେ କୋଡିଏ ଦିନରୁ ଉର୍ଦ୍ଧ୍ୱ ସମୟ ହେଲା ପିଣ୍ଡା ଭାଙ୍ଗି ଦିଆଯାଇଥିବା ବେଳେ କାମ ସରୁ ନଥିବାରୁ ଲୋକେ ନିଜ ଘରକୁ ଯାତାୟତ କରିବାରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ଧରାକୋଟ,୨୮ ।୧(ସମିସ):** ଧରାକୋଟ ସ୍ଥିତ ଶ୍ରୀରାଜ ହାଇସ୍କୁଲର ୧୯୭୪ ମସିହାରେ ଅଧ୍ୟୟନ ରତ ମାଟ୍ରିକ ବ୍ୟାଚର ଛାତ୍ର ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପଳପଲି ନିକଟସ୍ଥ ମା'ରସକୁମ୍ଭା ଠାକୁରାଣୀ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଆଶିଷ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ବ୍ୟବସାୟୀଙ୍କ ସମେତ ପ୍ରମୁଖ ନାଗରିକ ମାନେ ଉପସ୍ଥିତ ରହିଥିଲେ। ଦୀର୍ଘ ୫୦ ବର୍ଷ ପରେ ସମସ୍ତେ ଗୋଟିଏ ସ୍ଥାନରେ ମିଳିତ ହୋଇଥିବାରୁ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ।

## ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତରଙ୍କ ଡେପୁଟେସନକୁ ନେଇ ଅସନ୍ତୋଷ

**ଖଲ୍ଲିକୋଟ,୨୮ ।୧(ସମିସ):** ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ କାରଣରୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ତେଣୁ ଏଠାରେ ଡାକ୍ତର ନିଯୁକ୍ତି ଦେବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ତେବେ ବିଳମ୍ବରେ ହେଉ ପଛେ ସରକାର ଏହି ଦାବିକୁ ପୂରଣ କରି ଏଠାରେ ୪ ଜଣ ଏମ୍‌ବିବିଏସ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ।




ଡାକ୍ତର ସୌରଭ ପଟ୍ଟନାୟକ, ଆୟୁଷମାନ ପାଣିଗ୍ରାହୀ, ଅର୍ଚ୍ଚିଷ୍ମ ପରିଡ଼ା ଓ ଅଙ୍କିତା ପାଢ଼ୀ ଗତ ୧୮ ତାରିଖରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇଥିଲେ। କିନ୍ତୁ କାର୍ଯ୍ୟରେ ଯୋଗ ଦେବାର ମାତ୍ର ଏକ ସପ୍ତାହ ପରେ ଡାକ୍ତର ଅର୍ଚ୍ଚିଷ୍ମ ପରିଡ଼ାଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲକୁ ଡେପୁଟେସନରେ ପଠାଇ ଦିଆଯାଇଛି। ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଖଲ୍ଲିକୋଟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲାର କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରଙ୍କୁ ଡେପୁଟେସନ ହୋଇ ନ ଥିବା ବେଳେ ଖଲ୍ଲିକୋଟ ପ୍ରତି କାହିଁକି ଏଭଳି ପାତର ଅନ୍ତର ନୀତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର '୫-ଟି'ରେ ରୂପାନ୍ତରୀତ ହୋଇ ବର୍ତ୍ତମାନ ଝଟକୁଥିବା ବେଳେ ପ୍ରାୟ ୫ ଏକର ଜମି ଅଧିଗ୍ରହଣ କରି "ଆମ ହସ୍ପିଟାଲ" କରିବା ପାଇଁ ଟଙ୍କା ମଞ୍ଜୁର ହୋଇଛି। ସେହିପରି ନିକଟରେ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ରେ ନିୟମିତ ରାସ୍ତା ଦୁର୍ଘଟଣାକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଟ୍ରମା କେୟାର ୟୁନିଟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଇତି ମଧ୍ୟରେ ଏକ ଡିଜିଟାଲ ଏକ୍ସ-ରେର ଆବଶ୍ୟକତା ଥିବାବେଳେ ଅଲଟ୍ରା ସାଉଣ୍ଡ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ତଥା ଭିତ୍ତିଭୂମି ସଜଡା ଯାଉଛି। ତେଣୁ ତୁରନ୍ତ ଡାକ୍ତର ଅର୍ଚ୍ଚିଷ୍ମ ପରିଡ଼ାଙ୍କ ବ୍ରହ୍ମପୁର ଡେପୁଟେସନ ନିର୍ଦ୍ଦେଶକୁ ବାତିଲ କରି ପୁଣି ଖଲ୍ଲିକୋଟ ମେଡ଼ିକାଲକୁ ଫେରାଇ ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାନତୁଣ୍ଡୀରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ରାୟଗଡ଼,୨୮ ।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସାନତୁଣ୍ଡୀ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସଂଘମିତ୍ରା ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ଟିଡିସିସି ଓଏଲ୍ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଭାରପ୍ରାପ୍ତ ଜିପିଓ ସେନାପତି ଶବର, ଉଦ୍ୟାନ ବିଭାଗ ଅଧିକାରୀ ପ୍ରଭାତ କୁମାର ପାତ୍ର, ମିଶନ ଶକ୍ତି ବିପିସି ଅମ୍ରିତ ପରିଚ୍ଛା, ମହିଳା ପରିଦର୍ଶିକା ନମିତା ମହାରଣା, ସିଆରସିସି କେ. ଲକ୍ଷ୍ମଣ ରାଓ ମଞ୍ଚାସୀନ ଥିଲେ । ସରକାରଙ୍କ ସମସ୍ତ ଯୋଜନା ଲୋକଲୋଚନକୁ ଆଣି ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଯେଉଁ ସବୁ କାର୍ଯ୍ୟ ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଚାଲୁରହିଛି ସେସବୁ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଶ୍ରୀ ଗମାଙ୍ଗ କହିଥିଲେ। ଏଥିରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଯେଉଁ ସବୁ ଯୋଜନା ରହିଛି ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ । ଏଥିରେ କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମ୍ମନ୍ୱିତ ଶିଶୁ ବିଭାଗ, ମିଶନ ଶକ୍ତି, ଓଡ଼ିଶା ଜିବିକା ମିଶନ ଓ ଶିକ୍ଷା ବିଭାଗ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି କର୍ମୀ, ଆଶା, ବୁଦ୍ଧିଜୀବି, ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସେହିପରି ଏସ୍. କରଡ଼ାସିଂ ପଞ୍ଚାୟତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପୁରୁଷୋତ୍ତମପୁର,୨୮ ।୧(ସମିସ):** ପୁରୁଷୋତ୍ତମପୁରୁ ବ୍ଲକ ଅନ୍ତର୍ଗତ ଭୀମପୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ମାମାଲି ଦାସ ଓ ସମିତି ସଭ୍ୟ ଜଗନ୍ନାଥ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା କମଳଲୋଚନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ସରୋଜ କୁମାର ସାବତ, ଖଲ୍ଲିକୋଟ ବ୍ଲକ ବିଜେଡି ସଭାନେତ୍ରୀ ମାତାଲି ମିଶ୍ର, ଯୁବ ବିଜେଡି ବିଜେଡି ସଭାପତି ନିଳମଣି ପଣ୍ଡା, ସମାଜସେବୀ ମନୋଜ କୁମାର ପଟ୍ଟନାୟକ, ଆଛୁଲି ସରପଞ୍ଚ ସୁଧାକର ଗୌଡ଼, ବାଘଳା ସମିତି ସଭ୍ୟ ପ୍ରକାଶ ନାୟକ, ପାଣ୍ଡିଆ, ରଣଝାଲି ସରପଞ୍ଚ ପ୍ରତିନିଧି ଯୋଗ ଦେଇଥିଲେ। ବିଧାୟିକା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ସହ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶର ଏକ ପୁସ୍ତକାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରରେ ଶିକ୍ଷକ, କଳାକାର, ଚିତ୍ରକାର, କୃଷି, କ୍ରୀଡ଼ା, ଶିକ୍ଷା, ସାମ୍ବାଦିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ସୁଦର୍ଶନ ସାବତ, ନିର୍ବାହୀ ଅଧିକାରୀ ଏମ ବାଲିଆ, ଜିଆରଏସ ଉମାଶଙ୍କର ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ସଚେତନତା ଶିବିର

**ପୋଲସରା,୨୮ ।୧(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ଘୋଡାପଲାଣ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଘୋଡାପଲାଣ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ପୁରସ୍କୃତ କରିଥିଲେ ବିଧାୟକ ଶ୍ରୀ ସାହୁ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ, କନିଷ୍ଠ ଯନ୍ତ୍ରୀ ସୁନୀତା ଦାସ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଝୁନୁ ଦାସ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ପୋଲେଇ, ଘୋଡାପଲାଣ ସରପଞ୍ଚ ଧୀରେନ୍ଦ୍ର କୁମାର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ବରାଡ, ଯୁବ ସଂଗଠକ ଧୃବଚରଣ ଦାସ, ସେନାପତି ଦାସ, ଭଗବାନ ପ୍ରଧାନ, ଗ୍ରାମ ସଭାପତି ବିଜୟ ପ୍ରଧାନ, ଶିକ୍ଷାବିତ୍ ପାବନ କୁମାର ନାୟକ, ନାଏବ ସରପଞ୍ଚ ରାଜେଶ୍ୱରୀ ପ୍ରଧାନ, କଂଗ୍ରେସ ପ୍ରଧାନ, ଦୀପକ ଦାସଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ବିପିଏମ ଗଙ୍ଗାଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁକାନ୍ତ କୁମାର ଭୂୟାଁ, ଯୁବ ସଙ୍ଗଠକ ନରେନ୍ଦ୍ର ଦେବତାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



## ବିଜୁ ବୋଟିଂ ପଏଣ୍ଟ ଉଦ୍‌ଘାଟିତ




**ବାଲିଗୁଡା,୨୮ ।୧(ସମିସ):** ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲାରେ ବିଜୁ ବୋଟିଂ ପଏଣ୍ଟ ଆରମ୍ଭ ହୋଇଛି। ବାଲିଗୁଡା ଉପଜିଲ୍ଲାପାଳ ତଥା ଏନଏସି ନିର୍ବାହୀ ଅଧିକାରୀ ମଧୁମିତାଙ୍କ ପ୍ରଚେଷ୍ଟାରେ ବାଲିଗୁଡା ଏନଏସି ରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ସେଥି ମଧ୍ୟରୁ ବାଲିଗୁଡା ବସଷ୍ଟାଣ୍ଡ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଦୁଇ ପୋଖରୀର ବିକାଶ କାର୍ଯ୍ୟ ସ୍ୱରୂପ ପୂର୍ବରୁ ଶିବ ମୂର୍ତ୍ତି ଓ ସେଲ୍ଫି ପଏଣ୍ଟ କାର୍ଯ୍ୟ ହୋଇଥିବା ବେଳେ ଶନିବାର କଦଳୀ ବନ୍ଧରେ ବିଜୁ ବୋଟିଂ ପଏଣ୍ଟ ଉଦଘାଟିତ ହୋଇଛି। ଉଦଘାଟନ ସମାରୋହରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବାଲିଗୁଡା ବ୍ଲକ ସାଂସଦ ପ୍ରତିନିଧି ଟୁନାଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ଉପଜିଲ୍ଲାପାଳ, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତିକୁମାରୀ ନାୟକ ଯୋଗ ଦେଇଥିଲେ। ଏଥିସହିତ ଆଦିବାସୀ ମହାବିଦ୍ୟାଳୟ ନିକଟରେ ଆଦିବାସୀ ସେଲ୍ଫି ପଏଣ୍ଟର ମଧ୍ୟ ଶୁଭ ଉଦଘାଟନ ହୋଇଛି । ଏଥିରେ ବାଲିଗୁଡା ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ, କାଉନସିଲର ନାରାୟଣ ଡାକୁଆ, ଶଶୀକୁମାର ଦିଗାଳ, ବିଭୂତି ଲହରିଆ, ରାଜେଶ୍ୱର ମଳିକ, ହରପ୍ରିୟା ତ୍ରିପାଠୀ, ମିନତୀ ନାୟକ, ରୀନା କୁମାରୀ ପଣ୍ଡା, ଗୀତା ମଳିକ ସମେତ ସିଟିମିଶନ ମ୍ୟାନେଜର ସୁଧାଂଶୁମୋହନ ହୋତା ସମେତ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ। ବିଭିନ୍ନ ଜନକଲ୍ୟାଣ ଯୋଜନା ବାଲିଗୁଡା ରେ କାର୍ଯ୍ୟକାରୀ ହେଉଥିବାରୁ ସହରବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭାଷା ଓ ସାହିତ୍ୟ ସୃଜନୀ ସଭା



**ସୋରଡା,୨୮ ।୧(ସମିସ):** ନବୀନ ସରକାରଙ୍କ ସୁପରିକଳ୍ପିତ ଯୋଜନା ମଧ୍ୟରେ ଓଡ଼ିଆ ଭଷା ଓ ସାହିତ୍ୟ ତଥା ସଂସ୍କୃତିର ଉଦ୍ଜୀବିତ ଉଦ୍ଦେଶ୍ୟରେ ଏକ ଆସର ରହିଥିବା ବେଳେ ଋଷିକୁଲ୍ୟା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଅନିଲ କୁମାର ଦାସଙ୍କ ସମେତ ମୁଖ୍ୟ ଅତିଥିଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଶଶୀଭୂଷଣ ସାହିତ୍ୟ ସଂସଦର ସଭାପତି ପଦ୍ମଲୋଚନ ପଣ୍ଡା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟର ଆଲୋକପାତ କରାଯାଇଛି। ଶ୍ରୀ ପଣ୍ଡାଙ୍କ ସହିତ ଅନ୍ୟ ଅତିଥି ମାନେ ସଂସ୍କୃତି ଓ ପରମ୍ପରା ନେଇ ଗଭୀର ଆଲୋଚନା କରି ବିଭିନ୍ନ ଭାଷ୍ୟକାର ଲେଖକଙ୍କ ଛାନ୍ଦ ଓ ଚୌପଦୀ ଆଦି ସହିତ ଭଞ୍ଜ ସାହିତ୍ୟ ଓ କବିସୂର୍ଯ୍ୟ ବଳଦେବ ରଥ ଓ ଗଞ୍ଜାମର ଅନ୍ୟ କବି ମାନଙ୍କ ଉଦାହରଣ ଦେଇ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତଥା ସଂଯୋଜକ ରାମଚନ୍ଦ୍ର ବିଷୋୟୀ, ସାହିତ୍ୟ ଅଧ୍ୟାପକ ଗୌରୀ ଶଙ୍କର ଆଚାର୍ଯ୍ୟ, କ୍ରୀଡା ସଂଯୋଜକ ଉଷାରାଣୀ ସାବତ ପ୍ରମୁଖଙ୍କ ସହିତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



**ରମ୍ଭା,୨୮ ।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା ଉପସ୍ଥିତ ରହି ସ୍କୁଲର ସଫଳତା ବିଷୟରେ କହିବା ସହ ସରକାରୀ ବୃତ୍ତି ଓ ରାଜ୍ୟ ମେଧା ବୃତ୍ତିରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ସମ୍ବର୍ଦ୍ଧନା କରିଥିଲେ। କିରଣ ମୁଦୁଲି, କାମିନୀ ରେଡ୍ଡୀ ଦୁଇ ଆଚାର୍ଯ୍ୟାଙ୍କୁ ବିବେକାନନ୍ଦ ସମ୍ମାନ -୨୩ ଦିଆଯାଇଥିଲା। ମୁଖ୍ୟ ବକ୍ତା ଭାବେ ଉମାକାନ୍ତ ବେହେରା, ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତା ସାହୁ ଓ ସମିତି ସଭ୍ୟ କବିତା ରେଡ୍ଡୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୟଲକ୍ଷ୍ମୀ ମହାଙ୍କୁଡ, ସାମ୍ବାଦିକ ନୀଳାଞ୍ଚଳ ସେନାପତି ଯୋଗ ଦେଇଥିଲେ। ଆଚାର୍ଯ୍ୟ ରବୀନ୍ଦ୍ର କୁମାର ସ୍ୱାଇଁ ଓ ସଞ୍ଜୟ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲାବେଳେ ମିନାକ୍ଷୀ ପଲାଇ, ଝରଣା ପ୍ରଧାନ, କାମିନୀ ରେଡି, କିରଣ ମୁଦୁଲି, ସୁନିତା ନାହାକ, ବନିତା ଦାସ, ସୁମୀରନ ଦାସ, ଉର୍ମିଳା ରେଡି ଓ ବିନୁ ସାହୁ ବହୁତ ସାହାଯ୍ୟ କରିଥିଲେ। ବିବେକାନନ୍ଦ ପାଠଚକ୍ରର ସଦସ୍ୟ ଅଂଶୁମାନ ଦାସ, ସଂଗ୍ରାମ ରେଡି, ଅମିତ ଦୋରା, ଅମୀୟ ରଞ୍ଜନ ଦାଶ, କିରଣ ମହାରଣା ଓ ଶିବଗୌଡ଼ ଓ ଶଙ୍କର ରେଡି ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

# ୨ କୋଟି ୧୫ ଲକ୍ଷ ଋଣ ପ୍ରଦାନ

**ରଙ୍ଗେଇଲୁଣ୍ଡା,୨୮ ।୧(ସମିସ):** ରବିବାର ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ନେଇ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ମନ୍ତ୍ରୀଡ଼ି ଓ ବିଶ୍ୱନାଥପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷ ଚିନି ଉଷା ରାଣୀ, ବିଡିଓ ଅଂଶୁମାନ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ, ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ, ସିଡିପିଓ ଜ୍ୟୋତ୍ସ୍ନା ପାଢୀ ଯୋଗଦେଇଥିଲେ କ୍ଷ ସରପଞ୍ଚ ପ୍ରଶାନ୍ତ କୁମାର ଦାସ ପୋରହିତ୍ୟ କରିଥିଲେ। ରାଜ୍ୟ ସରକାରଙ୍କ ବିଏସକେୱାଇ କାଡର୍, ସାମାଜିକ ସୁରକ୍ଷା, ଜଗନ୍ନାଥ ସଂସ୍କୃତି, ମିଶନ ଶକ୍ତି ସମେତ ବିଭିନ୍ନ ବିକାଶ ଏବଂ ପଞ୍ଚାୟତସ୍ତରରେ ହୋଇଥିବା ବଡ଼ ବଡ଼ ପ୍ରକଳ୍ପରେ ବିକାଶ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ୨୧ଟି ମହିଳା ଗୋଷ୍ଠୀକୁ ବିନା ସୁଧରେ୧କୋଟି ୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଛାତ୍ରୀମାନଙ୍କୁ ସିଲ ଓ ସାର୍ଟିଫିକେଟ ଅତିଥି ମାନେ ପ୍ରଦାନ କରିଥିଲେ। ସେହିପରି ବିଶ୍ୱନାଥପୁର ପଞ୍ଚାୟତରେ ୨୦ଟି ଏସଏଜି ଗ୍ରୁପକୁ ଏକ କୋଟି ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସରପଞ୍ଚ ଏସ.ଦମୟନ୍ତୀ ରେଡି, ପିଇଓ ଶଙ୍କର ନାୟକ, ଦୀପ୍ତିମୟୀ ବେହେରା, ରଣ୍ଟା ସରପଞ୍ଚ ଅଜିତ କୁମାର ରାଉଳ, ଏସ ବିବେକାନନ୍ଦ ରେଡି, ଏସ. ଜଗନ୍ନାଥ ରେଡି, ଏସ ନରେନ୍ଦ୍ର ରେଡି, ବରିଷ୍ଠ ବିଜେଡି ସିଏଚ ଡ଼ିଲେଶ୍ୱର ରେଡି, ବାଇରୀ ପାତ୍ର, ସେବୀ ରାମହରି ପାତ୍ର, ନରେଶ ପାତ୍ର, ମୁନା ନାୟକ, ପ୍ରକାଶ ସେଠୀ, ଦୁର୍ଯ୍ୟୋଧନ ରେଡି, ଆଶିଷ ରାଉଳ, ବାନି ଲେଙ୍କା, କେ ପ୍ରବୀଣ କୁମାର, ଦଣ୍ଡପାଣି ବେହେରା, ନିର ବେହେରା, ଯୁବସଭାପତି ବିନୋଦ କୁମାର ମାହାଙ୍କୁଡ଼, ବିପିଏମ ଅଜୟ ଦାସ, ସୁଧୀର ନାୟକ, ସନ୍ତୋଷ ବେହେରା, ସରସ୍ୱତୀ ବେହେରା, ସନ୍ତୋଷ ବେହେରା, ଛାତ୍ର ନେତା ମିଳେନ୍ଦ୍ର ପ୍ରଧାନ, ବଳରାମ ରେଡି, ବାବୁ ରାଓ, ରାଜେଶ୍ୱର ନାୟକ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।



